# ଲଗାଣ ବର୍ଷାରେ ଭାଙ୍ଗିଲା ଠେଲ୍‌କୋ ସାଗର ବନ୍ଧ


ଠେଲ୍‌କୋ ସାଗରବନ୍ଧ ଭାଙ୍ଗିଯାଇଛି।

ଭବାନୀପାଟଣା,୨୧।୯
(ଉତ୍ତମ କୁମାର ଦାଶ)

ଲଗାଣ ବର୍ଷା ଯୋଗୁ ଗୁରୁବାର ଅପରାହ୍ନରେ କଳାହାଣ୍ଡି ଜିଲା କଳମପୁର ବ୍ଲକ ଅନ୍ତର୍ଗତ ଗୁମାବାହାଲ ଠେଲକୋ ସାଗର ବନ୍ଧ ଭାଙ୍ଗି ଯାଇଛି। ଫଳରେ ସ୍ଥାନୀୟ ୧୦ ଏକର ଚାଷ ଜମି ଜଳମଗ୍ନ ହୋଇଯାଇଛି। ଏହାଯୋଗୁ ସେଠାରେ ଚାଷ ହୋଇଥିବା ଧାନ ଫସଲ ନଷ୍ଟ ହେବା ଆଶଙ୍କା ରହିଛି।

# ସାର କଳାବଜାର, ଚାଷୀଙ୍କ ଆନ୍ଦୋଳନ ଧମକ

ଖଡ଼ିଆଳ,୨୧।୯(ସୁଜିତ୍ କୁମାର ପ୍ରଧାନ)

- କୃଷି କାର୍ଯ୍ୟାଳୟ ଘେରାଉ, ରାଜରାସ୍ତାକୁ ଓହ୍ଲାଇବା ଚେତାବନୀ
- ସାର ମୂଲ୍ୟ ଦୋକାନ ସାମ୍‌ନାରେ ଟାଙ୍ଗୁନାହାନ୍ତି
- କଳା ବଜାର ଜଣାପଡିଲେ କର୍ଯ୍ୟାନୁଷ୍ଠାନ ହେବ: ଜିଲା କୃଷି ଅଧିକାରୀ

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକରେ ସାରର କଳା ବଜାର ନେଇ ଚିନ୍ତାରେ ଚାଷୀ। ଚଳିତବର୍ଷ ଖଡ଼ିଆଳ ବ୍ଲକରେ ୧୪,୬୪୦ ହେକ୍ଟର ଧାନ ଚାଷ ହୋଇଥିବା ବେଳେ ଜଳ ସେଚିତ ୧୨,୭୫ ଓ ଅଣ ଜଳସେଚିତ ୧୮୮୯ ହେକ୍ଟର। ସେଥି ମଧ୍ୟରେ ଧାଡି ରୁଆ ୧୨୦ ହେକ୍ଟର ଧାନ ଚାଷ ହୋଇଛି। ସାରର କଳା ବଜାରୀ ଓ ଚଢା ଦରରେ ବିକ୍ରି ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ବ୍ଲକର ୨୬ଟି ପଞ୍ଚାୟତରେ ୫୨ଟି ସରକାରୀ ସାର ଦୋକାନ ଓ ଏନଏସିରେ ୬ଟି ମୋଟ ୫୮ଟି ସରକାରୀ ସ୍ୱୀକୃତିପ୍ରାପ୍ତ ସାର ଦୋକାନ ରହିଛି। ସେଥି ମଧ୍ୟରେ ବ୍ଲକରେ ୫ଟି ସମବାୟ ସମିତି ଅଛି। ଏ ସମସ୍ତ ସଂସ୍ଥା ଚାଷୀଙ୍କ ପାଇଁ ସାର କାରବାର କରୁଥିବା ବେଳେ ବେସରକାରୀ ସାର ଦୋକାନ ତାଠାରୁ ଅଧିକ ରହିଛି। ହେଲେ ବର୍ତ୍ତମାନ ବ୍ଲକରେ ସାରର କଳା ବଜାର ଆରମ୍ଭ ହୋଇଯାଇଛି। ବ୍ଲକକୁ ଅଧିକ ସାର ଦରକାର ଥିବାବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ୨୫୫୩ ମେଟ୍ରିକ ଟନ ସାର ଆସିଛି। ସରକାରୀ ଦରଠାରୁ ଅଧିକ ଦରରେ ଚାଷୀ ସାର କିଣୁଛନ୍ତି। ସରକାରୀ ଦର ଅନୁଯାୟୀ ୟୁରିଆ ସାର ୨୬୬.୫୦ ଟଙ୍କା ଥିବାବେଳେ ୩୫୦ରୁ ୪୦୦ ଟଙ୍କାରେ ଚାଷୀ କିଣୁଛନ୍ତି। ଡିଏପି ସାର ୧୩୫୦ ଟଙ୍କା ଥିବାବେଳେ ୧୭୦୦ରୁ ୨୦୦୦ ଟଙ୍କାରେ ଚାଷୀ କିଣୁଛନ୍ତି। ନାନୋ ଇଉରିଆ ୨୪୦ ଟଙ୍କା ଥିବାବେଳେ ୩୫୦ରୁ ୪୦୦ ଟଙ୍କାରେ ଚାଷୀ କିଣୁଛନ୍ତି। ଏହା ସହିତ ଅନ୍ୟ ସାର ଅଧିକ ଦରରେ ବିକ୍ରି ହେଉଥିବା ଚାଷୀ ମହଲରେ ଅଭିଯୋଗ ହେଉଛି। ସରକାରୀସ୍ତରରେ ପଞ୍ଜୀକୃତ ଦୋକାନୀମାନେ ସାରର ମୂଲ୍ୟ ଦୋକାନ ସାମନାରେ ଝୁଲାଇବା ନିୟମ ଥିବାବେଳେ କୌଣସି ଦୋକାନୀ ନିୟମ ମାନୁନାହାନ୍ତି। ଫଳରେ ଚାଷୀ ସାରର ପ୍ରକୃତ ମୂଲ୍ୟ ଜାଣି ନ ପାରି ଠକାମିର ଶିକାର ହେଉଛି। ସରକାରୀ ନିୟମ ଅନୁଯାୟୀ ଜଣେ ଚାଷୀ ସରକାରୀ ସ୍ୱୀକୃତିପ୍ରାପ୍ତ ସାର ଦୋକାନୀଠାରୁ ଜମି ଥିବା ପରିମାଣ ଅନୁଯାଇ ୪ରୁ ୫ ବସ୍ତା ସାର ନେଇ ପାରିବେ। ସେମାନଙ୍କୁ ଅଧିକ ସାର ଦରକାର ପଡ଼ିଲେ କୃଷି ବିଭାଗରୁ ଲିଖିତ ଆଣିବାକୁ ପଡିବ। କିନ୍ତୁ ଏଥିପାଇଁ ଆଧାର ଲିଙ୍କ କରିବା ବାଧ୍ୟତାମୂଳକ ନିୟମ ଅଛି। ସାର କିଣିବା ପୂର୍ବରୁ ଚାଷୀମାନେ ଆଧାର ଲିଙ୍କ କରୁଥିବା ବେଳେ ଦୋକାନୀମାନେ ଲିଙ୍କ ଠିକ ଥିଲେ ସୁଦ୍ଧା ଅସୁବିଧା ଅଛି ବୋଲି କହି ଚାଷୀଙ୍କୁ ଫେରାଇ ଦେଉଛନ୍ତି। ଫଳରେ ଚାଷୀ ଆଧାର ଲିଙ୍କ କରିପାରୁ ନ ଥିବା ବେଳେ ସେମାନଙ୍କ ସାର କଳା ବେପାରୀଙ୍କୁ ବିକ୍ରି କରୁଛନ୍ତି। ଫଳରେ ବିନା ଲାଇସେନ୍ସ ପ୍ରାପ୍ତ ସାର ଦୋକାନୀ ଓ ଅସାଧୁ କଳା ବେପାରୀଙ୍କ ସଲା ସୁତୁରାରେ ସାର କଳା ବେପାର ବଢିଚାଲିଛି। ଏ ନେଇ ଜିଲା କୃଷି ଅଧିକାରୀ ହିମାଂଶୁ ମହାପାତ୍ରଙ୍କୁ ଅବଗତ କରିବାରୁ କୌଣସି ସାର ଦୋକାନୀ ସାର କଳା ବଜାର କରୁଥିବା ଜଣାପଡିଲେ, ତୁରନ୍ତ କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସାର କଳା ବଜାର ଓ ଚଢ଼ା ଦରରେ ବିକ୍ରି ନେଇ ଆଗାମୀ ଦିନରେ କୃଷି କାର୍ଯ୍ୟାଳୟ ଘେରାଉ କରି ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ସାର କଳା ବଜାର ରୋକିବା ସହିତ କିପରି ଚାଷୀ ସାର କିଣି ଶୋଷଣର ଶିକାର ନ ହେବେ ସେ ନେଇ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି।

# ରାଷ୍ଟ୍ରପତିଙ୍କୁ ସାକ୍ଷାତ୍ କଲେ ୨ ଯୁବ ଭାଜପା ନେତା


ରାଷ୍ଟ୍ରପତିଙ୍କୁ ମା' ମାଣିକେଶ୍ୱରୀଙ୍କ ଫଟୋ ଚିତ୍ର ପ୍ରଦାନ କରୁଛନ୍ତି।

ଭବାନୀପାଟଣା,୨୧।୯(ଉତ୍ତମ କୁମାର ଦାଶ)

**ମାଣିକେଶ୍ୱରୀଙ୍କ ଫଟୋ ଦେବା ସହ ନୂଆଁଖାଇ ଜୁହାର କଲେ**

କଳାହାଣ୍ଡିର ୨ ଭାଜପା ଯୁବ ନେତା ନୂଆଦିଲ୍ଲୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି। ରାଷ୍ଟ୍ରୀୟ ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦୀପ ଜ୍ୟୋତି ମୁଣ୍ଡ ଓ କଳାହାଣ୍ଡି ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁ ରାଷ୍ଟ୍ରପତିଙ୍କୁ ଭେଟି ସେମାନେ କଳାହାଣ୍ଡିର ଇଷ୍ଟଦେବୀ ମା' ମାଣିକେଶରୀଙ୍କ ଫଟୋ ଚିତ୍ର ପ୍ରଦାନ କରିବା ସହ କଳାହାଣ୍ଡିବାସୀଙ୍କ ପକ୍ଷରୁ ନୂଆଁଖାଇ ଜୁହାର ଜଣାଇଥିଲେ। ଏହାସହ କଳାହାଣ୍ଡିର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଓ ତାହାର ଅଗ୍ରଗତି ଉପରେ ଆଲୋଚନା କରିଥିଲେ।

# ମାନସିକ ବିକାର ବୃଦ୍ଧାଙ୍କୁ ଭେଟିଲେ, ନୂଆଁ ଖୁଆଇଲେ

ବେହେରା,୨୧।୯(ଭୁପେଶ ତିୱାରୀ)

ନୂଆଁଖାଇ ଏକ ଏପରି ପରମ୍ପରା ଯେଉଁଠି ରକ୍ତ ରକ୍ତିୟଙ୍କୁ ଭେଟିବା ପାଇଁ ବ୍ୟାକୁଳ ହୋଇଉଠେ। ଏକାଠି ବସି ପରିବାରର ସବୁ ସଦସ୍ୟ ନୂଆଁ ଅନ୍ନ ଭକ୍ଷଣ କରିବାର ଆନନ୍ଦ ମୁହ୍ୟତକୁ ଭଗବାନଙ୍କ ଆଶିର୍ବାଦ ମନେକରାଯାଏ। ଏପରି ଏକ ହୃଦୟକୁ ଆଲୋଡନ କରୁଥିବା ଦୃଶ୍ୟ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରା ଗ୍ରାମରେ ଦେଖିବାକୁ ମିଳିଛି। ମାନସିକ ବିକାର ଯୋଗୁ ଦୀର୍ଘ ୨୦ବର୍ଷ ପରିବାରଠାରୁ ବିଚ୍ଛିନ୍ନ ହୋଇଯାଇଥିବା ଜଣେ ବୃଦ୍ଧାଙ୍କୁ ଛତିଶଗଡ କୋଣ୍ଡାଗାଁରୁ ଦୀର୍ଘ ୧୫୦ କି.ମି. ଦୂର ଭେଟିବା ପାଇଁ ଆସିଥିଲେ ପରିବାର ଲୋକ। ମାନସିକ ବିକାରଗ୍ରସ୍ତ ବୃଦ୍ଧା ଲକ୍ଷ୍ମୀ (୫୩)ଙ୍କ ଗ୍ରାମ ଦଣ୍ଡପାଟସ୍ଥ ସାନକେନ୍ଦୁଗୁଡାରେ। କିନ୍ତୁ ସେଠାରେ ନିଜର ବୋଲି କେହି ନାହାନ୍ତି। ନିଜ ଦିଅରର ପୁଅ ଝିଅମାନେ ଛତିଶଗଡ କୋଣ୍ଡାଗାଁରେ ବହୁ ବର୍ଷରୁ ରହି ଆସୁଛନ୍ତି। ମାନସିକ ବିକୃତି ହୋଇ ଇତସ୍ତତଃ ବୁଲୁଥିବା ଲକ୍ଷ୍ମୀ କେତେ ବର୍ଷ ହେଲା ବେହେରା ଗ୍ରାମର ଭଣାଡଙ୍ଗରି ନିକଟରେ ରହୁଥିବା ସେମାନେ ଜାଣିବାକୁ ପାଇଥିଲେ। ହେଲେ ନୂଆଁଖାଇର ଆତ୍ମୀୟତା ଭରା ପରମ୍ପରା ପରିବାର ବର୍ଗକୁ ଟାଣି ଆଣିଥିଲା ଲକ୍ଷ୍ମୀଙ୍କ ପାଖକୁ। ନିଜ ବଡ ମା'ଙ୍କୁ ଭେଟିବା ପାଇଁ ଆକୁଳ ହୋଇ ଏକ ଗାଡି ଭଡ଼ା କରି ଗୁରୁବାର ପହଞ୍ଚିଥିଲେ। ଲକ୍ଷ୍ମୀଙ୍କୁ ଭେଟି ଦୁଃଖରେ ଗଦ୍‌ଗଦ୍ ହୋଇ ଉଠି ଛାତେଇ ନେବା ସହ ନୂଆ ବସ୍ତ୍ର ପିନ୍ଧାଇ, ନୂଆଁଅନ୍ନ ନିଜ ହାତରେ ଖୁଆଇଥିଲେ। ଯାହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ନିଜ ବଡ ମା'ଙ୍କୁ ନବାନ୍ନ ଭକ୍ଷଣ କରାଇ ଦୁଷ୍ମନ୍ତ ସୁନାନୀ, ଗଣେଶ ସୁନାନୀ, ଅମ୍ବିକା ସୁନାନୀ, ଦିପିକା ସୁନାନୀ, ଜମୁନା ସୁନାନୀ ଆତ୍ମତୃପ୍ତୀ ଲାଭକରିଥିବା ପ୍ରକାଶ କରିଥିଲେ।


ବୃଦ୍ଧା ଲକ୍ଷ୍ମୀଙ୍କୁ ପରିବାର ଲୋକେ ନୂଆଁଖାଇରେ ନବାନ୍ନ ଖୁଆଉଛନ୍ତି।


କାର୍ଯ୍ୟକ୍ରମରେ ରଙ୍ଗାରଙ୍ଗ ସାଂସ୍କୃତିକ ପରିବେଷଣ ହେଉଛି।

# ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

ଖଡ଼ିଆଳ,୨୧।୯(ସୁଜିତ୍ କୁମାର ପ୍ରଧାନ)

**ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ**

ନୂଆପଡା ଜିଲା ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର ୩୨ତମ ପ୍ରତିଷ୍ଠା ଦିବସ ସହ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମା' ସମଲେଇଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ସହ ନବାନ୍ନ ଅର୍ପଣ ପରେ ଉପସ୍ଥିତ ସମସ୍ତେ ନୂଆଁ ଖାଇଥିଲେ। ପରେ ପରସ୍ପର ମଧ୍ୟରେ ଜୁହାର ଭେଟଘାଟ ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ନଗରପାଳ ଉଜ୍ୱଳ ଗୁପ୍ତା, ଅନୁଷ୍ଠାନ ଉପଦେଷ୍ଟା ମେଜର ରାମଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୁଆଁଖାଇ ପର୍ବ ପାଳନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନ ଜନ୍ମ ନେଇ ଦୀର୍ଘ ୩୧ ବର୍ଷ ହେଲା, ଖଡ଼ିଆଳ ଅଞ୍ଚଳର କଳା, ସଂସ୍କୃତି ଏବଂ ପରମ୍ପରାକୁ ବଞ୍ଚାଇ ରଖି ଆସୁଥିବାରୁ ଅନୁଷ୍ଠାନ ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନ ସଭ୍ୟ ଗଙ୍ଗାଧର ମହାଉତିଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡ଼ିଆଳ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନ କଳାକାରମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟଗୀତରେ ମସଗୁଲ ହୋଇ ଖଡ଼ିଆଳ ବିଧାୟକ, ନଗରପାଳଙ୍କ ସମେତ ଉପସ୍ଥିତ ଅତିଥିଗଣ ମଧ୍ୟ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଉପ ସଭାପତି ସୁକେଶ ପଟ୍ଟନାୟକ, ସମ୍ପାଦକ ସୋମନାଥ ଜଗତ, ଶାନ୍ତନୁ ପଣ୍ଡା, ବବୁ ବାହନ ବର୍ମା, ଅଶୋକ ବାରିକ, ଅମୂଲ୍ୟ ବାରିକ, ଆଦିତ୍ୟ ପାଣିଗ୍ରାହୀ, ପୀୟୁଷ ପଣ୍ଡା, ଗୋବିନ୍ଦ ପଣ୍ଡା, ଖିରସିନ୍ଧୁ ବାରିକ, ନରେନ୍ଦ୍ର ଦୁରିଆ, ପୃଥିରାଜ ଦୁରିଆ, ବିଜୟ ବାରିକ, ଦିନେଶ ଜଗତ, ଜୟଦେବ ପାଣିଗ୍ରାହୀ, ଛବି ସାଗର, ତନ୍ମୟ ବାଗ, ବିନୋଦ ଦୁରିଆଙ୍କ ସମେତ ଅନୁଷ୍ଠାନ କର୍ମକର୍ତ୍ତାମାନେ ପ୍ରମୁଖ ସହଯୋଗ କରିଥିଲେ।

# ଠାକୁର ପରିବାର ଏକାଠି ଖାଇଲେ ନୂଆଁଖାଇ

କୋକସରା,୨୧।୯
(ଦୁଷ୍ମନ୍ତ କୁମାର ପାଢୀଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ମୁଟ୍ରା ବାହାଲି ଗାଁର ବଡ଼ ପରିବାର ହେଉଛି ଠାକୁର ପରିବାର। ସମସ୍ତେ ମିଶି ଏକାସାଙ୍ଗରେ ନୂଆଁଖାଇ ପାଳନ କରିଛନ୍ତି। ପରିବାରର ମୋଟ ୧୩୦ଜଣ ସଦସ୍ୟ ଏକାଠି ନୂଆଁଖାଇ ପାଳନ କରି ନିଜ ମଧ୍ୟରେ ରହିଥିବା ଯୌଥ ପରିବାରର ଭାଇଚାରା ନିଦର୍ଶନ କରିଛନ୍ତି। ଠାକୁର ପରିବାର ବୟୋଜ୍ୟେଷ୍ଠ ସୁଧାଂଶୁ ଶେଖର ଠାକୁର ଇଷ୍ଟ ଦେବଦେବୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ନୂଆଁ ଚୁଡାରେ ତିଆରି ହୋଇଥିବା ନବାନ୍ନ କୁରେ ପତ୍ରରେ ପରିବାରର ମୁଖ୍ୟ ପରିବାର ସମସ୍ତଙ୍କୁ ଦେବା ପରେ ବଡ଼ରୁ ଛୋଟ ନୂଆଁଖାଇ ଥିଲେ। ପରେ ପରମ୍ପରା ମୁତାବକ ବୟୋଜ୍ୟେଷ୍ଠଙ୍କୁ ସାନମାନେ ଜୁହାର ଭେଟ ହୋଇ ଆଶୀର୍ବାଦ ନେଇଥିଲେ। ପରେ ସମସ୍ତେ ଏକାଠି ମିଶି କ୍ଷୀରି ପିଠା ସହ ନୂଆଁଖାଇ ପାଇଁ ପ୍ରସ୍ତୁତ ହୋଇଥିବା ବିଭିନ୍ନ ପ୍ରକାର ବ୍ୟଞ୍ଜନ ଖାଇଥିଲେ। ଘର ମହିଳାମାନେ ଖାଦ୍ୟ ପ୍ରସ୍ତୁତ କରି ସମସ୍ତଙ୍କୁ ସୁଆଦିଆ ବ୍ୟଞ୍ଜନ ପରସିଥିଲେ। ନୂଆଁଖାଇ କାର୍ଯ୍ୟକ୍ରମରେ ପରିବାର ବରିଷ୍ଠ ସଦସ୍ୟ ତ୍ରିନାଥ ଠାକୁର, ରାଧା ମୋହନ ଠାକୁର, କାର୍ତ୍ତିକ ଠାକୁର, ଶ୍ରୀପତି ଠାକୁର, କିଶୋର ଠାକୁର, ଶିଶୁଦେ ଠାକୁର, ପ୍ରହଲ୍ଲାଦ ଠାକୁର, ଭରତ ଭୂଷଣ ଠାକୁର ଓ ଠାକୁର ପରିବାରର ମହିଳାମାନେ ଆନନ୍ଦ ଉଲ୍ଲାସର ସହ ନୂଆଁଖାଇ ପର୍ବ ପାଳନ କରିଛନ୍ତି। ଏହା ବ୍ୟତୀତ କୋକସରା ବ୍ଲକର ସମସ୍ତ ଗ୍ରାମରେ ନୂଆଁଖାଇ ପାଳନ ହୋଇଛି।


ସମସ୍ତେ ଏକାଠି ନୂଆଁଖାଇ ପାଳନ କରୁଛନ୍ତି।

# ଆନ୍ଦୋଳନ ସ୍ଥଗିତ ରଖିଲା କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ

ଭବାନୀପାଟଣା,୨୧।୯
(ଉତ୍ତମ କୁମାର ଦାଶ)

ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ(ଏୟୁପିଟିଏଫ୍) ପକ୍ଷରୁ ଗତ ୧୩ ତାରିଖଠାରୁ ୩ଦଫା ଦାବି ନେଇ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସାମୂହିକ ଛୁଟିରେ ଯିବା ସ୍ଥାନୀୟ ବିଇଓ ଅଫିସ ସମ୍ମୁଖରେ ଦାବି ପାଇଁ ଆନ୍ଦୋଳନ କରିଥିଲେ। ପରେ ୧୮ ତାରିଖ ଏୟୁପିଟିଏଫ୍ ରାଜ୍ୟ ମହାସଚିବ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା କରିଥିଲେ। ଏଥିରେ କମିଟିର ପ୍ରତିଶ୍ରୁତି ପରେ ଏୟୁପିଟିଏଫ୍ ପକ୍ଷରୁ ପତ୍ର ସଂଖ୍ୟା -୧୭୭ ଏଫ୍, ତା.୧୮।୯।୨୦୨୩ ଅନୁଯାୟୀ ସାମୂହିକ ଛୁଟି ଓ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ଏହି କ୍ରମରେ ଏୟୁପିଟିଏଫ୍ ଅନ୍ତର୍ଗତ କଳାହାଣ୍ଡି ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମସ୍ତ ଶିକ୍ଷୟିତ୍ରୀ/ଶିକ୍ଷକ ନିଜ ବିଦ୍ୟାଳୟରେ ଯୋଗଦାନ କରି ନିଜ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଏକ ପ୍ରେସ ବିବୃତିରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ୪୫ ପରିବାର ଏକତ୍ର ପାଳିଲେ ନୂଆଁଖାଇ


ଗଣ୍ଡାବାହାଲିରେ ଏକତ୍ର ଭାବେ ନୂଆଁଖାଇ ପାଳନ କରିବା ଅବସରରେ ସମସ୍ତେ ଏକଠି ହୋଇଛନ୍ତି।

ସିନାପାଲି,୨୧।୯(ମନଫୁଲ ମେହେର)

ନୂଆପଡା ଜିଲା ସିନାପାଲି ବ୍ଲକ ଗଣ୍ଡାବାହାଲିର ଗଙ୍ଗାମିନି ବଂଶୀୟ ସାନ ମାହାନପୁରିଆ ସମାଜର ୪୫ ପରିବାର ଏକତ୍ର ସମ୍ମିଳିତ ଭାବେ ପାଳନ କଲେ ନୂଆଁଖାଇ। ଇଷ୍ଟଦେବୀ ତଥା ମା' ସମଲେଶ୍ୱରୀଙ୍କ ପାଖରେ ନବାନ୍ନ ଲାଗି ହେବା ପରେ ସମସ୍ତେ ଏକତ୍ର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବସି ନବାନ୍ନ ଭକ୍ଷଣ କରିଥିଲେ। ଶେଷରେ ସମସ୍ତେ ନୂଆଁଖାଇ ଜୁହାର କରି ସାନମାନେ ବଡ଼ମାନଙ୍କଠାରୁ ଆର୍ଶୀବାଦ ଗ୍ରହଣ କରିଥିଲେ। ଏଥିରେ ୨୦୦ରୁ ଅଧିକ ଲୋକ ସାମିଲ ହୋଇଥିଲେ। ବଂଶୀୟ ପୂଜକ ରଥି ମେହେର ଓ ସୁଷମା ମେହେର ସମସ୍ତଙ୍କୁ ନବାନ୍ନ ପ୍ରଦାନ ସହ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ଦୀର୍ଘ ୧୨ ବର୍ଷ ଧରି ଏହି ପରି ଏକତ୍ର ଭାବେ ନୂଆଁଖାଇ ଆସୁଥିବାରୁ ସମସ୍ତେ ଏମାନଙ୍କ ନିଆରା ଢଙ୍ଗରେ ପାଳନକୁ ଚର୍ଚ୍ଚା କରନ୍ତି।

# କଳାହାଣ୍ଡି ଟିମ୍‌ର ମୟୂରଭଞ୍ଜ ଗସ୍ତ

ଲାଞ୍ଜିଗଡ଼,୨୧।୯(ରମେଶ ଚନ୍ଦ୍ର ନାୟକ)


କଳାହାଣ୍ଡି ଟିମ୍‌ର ମନୋନୀତ ଖେଳାଳି ଏବଂ ଅନ୍ୟମାନେ।

**୬୭ତମ ରାଜ୍ୟ ସ୍କୁଲସ୍ତରୀୟ ତିରନ୍ଦାଜ ପ୍ରତିଯୋଗିତା**

କଳାହାଣ୍ଡି ଜିଲା ଲାଞ୍ଜିଗଡର ୧୧ଜଣ ବାଳିକା ଓ ୮ଜଣ ବାଳକ ୬୭ତମ ରାଜ୍ୟ ସ୍କୁଲସ୍ତରୀୟ ତିରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଗୁରୁବାର ମୟୁରଭଞ୍ଜ ଗସ୍ତ କରିଛନ୍ତି। ମୟୂରଭଞ୍ଜ ଜିଲା କୁସୁମି ବ୍ଲକ ଜୟପୁରସ୍ଥିତ ଜନତା ସରକାରୀ ବିଦ୍ୟାଳୟଠାରେ ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୬୭ତମ ରାଜ୍ୟ ସ୍କୁଲସ୍ତରୀୟ ତିରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଜିଲା ଆଥଲେଟିକ ଆସୋସିଏଶନ ପକ୍ଷରୁ କଳାହାଣ୍ଡି ତିରନ୍ଦାଜ ଦଳ ଗୁରୁବାର ଗସ୍ତ କରିଛନ୍ତି। ଏହି ଦଳରେ ଲାଞ୍ଜିଗଡ ବ୍ଲକର ୩ଟି ବିଦ୍ୟାଳୟର ତଥା ଲାଞ୍ଜିଗଡ ସରକାରୀ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଲାଞ୍ଜିଗଡ ନୋଡାଲ ବିଦ୍ୟାଳୟ ଓ ଲାଞ୍ଜିଗଡ ଉଚ୍ଚ ବିଦ୍ୟାଳୟର ୧୧ଜଣ ବାଳିକା ଓ ୮ଜଣ ବାଳକ ଗତ ୧୬ ତାରିଖରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ସେମାନେ ହେଲେ ଅଣ୍ଡର ୧୪ ବର୍ଷ ବାଳକ ବିଭାଗରେ ଥବିର ମାଝି, ରୋହିତ ମାଝି, ରଜନୀକାନ୍ତ ଭୋଇ। ବାଳିକା ବିଭାଗରେ ଆରତୀ ମୁଣ୍ଡା, ପୁନମ ନାଏକ, ସୁପ୍ରିୟା ଦଣ୍ଡସେନା, ପାୟଲ ହରିଜନ, ତନିଶା ରାଉତ। ସେହିପରି ଇଣ୍ଡିଆ ରାଉଣ୍ଡର ଅଣ୍ଡର ୧୭ବର୍ଷ ବାଳକ ବିଭାଗରେ ବିକ୍ରମ ମାଝି, ଇଶାନ ହରପାଲ, ଦାଶରଥି ମାଝି, ଚନ୍ଦ୍ରକାନ୍ତ ଭୋଇ ରହିଥିବା ବେଳେ ବାଳିକା ବିଭାଗରେ ଜୁଲି ମୁଣ୍ଡା, ସାନୁ ମାଝି, ଲିଜା ଦଳପତି, ରଚନା ମାଝି ରହିଛନ୍ତି। ସେହିପରି ଅଣ୍ଡର ୧୭ ବର୍ଷ ରିକର୍ଭରେ ବାଳକ ବିଭାଗରେ ସୁଦର୍ଶନ ମାଝି ରହିଥିବା ବେଳେ ବାଳିକା ବିଭାଗରେ ଆରତୀ ମୁଣ୍ଡା, ପ୍ରିୟସା ନାଏକ ରହିଛନ୍ତି। ଖେଳାଳିମାନେ କୋଚ ଶୀମାଞ୍ଚଳ କାତ୍ରାକାଙ୍କଠାରୁ ତାଲିମପ୍ରାପ୍ତ କରିଛନ୍ତି। ଶୀମାଞ୍ଚଳ ବେଦାନ୍ତ ଲିମିଟେଡ୍ ଦ୍ୱାରା ପରିଚାଳିତ ତିରନ୍ଦାଜ ପ୍ରଶିକ୍ଷଣ ଶିବିରରେ ତାଲିମଦାତା ଭାବେ କାର୍ଯ୍ୟ କରୁଛନ୍ତି। ମୟୂରଭଞ୍ଜ ଗସ୍ତ କରିଥିବା ବେଳେ ଲାଞ୍ଜିଗଡ ଏସଏସଡି ସ୍କୁଲ ଖେଳ ଶିକ୍ଷକ ଜୟଲାଲ ଭୋଇ ମ୍ୟାନେଜର ଭାବେ ଓ ଲାଞ୍ଜିଗଡ ନୋଡାଲ ସ୍କୁଲ ଖେଳ ଶିକ୍ଷୟିତ୍ରୀ ନଳିନୀ ମୁଣ୍ଡଛିନା କୋଚ ଭାବେ ଖେଳାଳିମାନଙ୍କ ସହ ଗସ୍ତ କରିଛନ୍ତି। ଖେଳାଳିଙ୍କୁ ଜିଲା ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ, ବେଦାନ୍ତ ଆଲୁମିନା ଡେପୁଟି ସିଇଓ ଜି.ଜି ପାଲ, ବେଦାନ୍ତ ସିଏସଆର ଓ ବାହ୍ୟ ବ୍ୟାପାର ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ଜିଲା କ୍ରୀଡା ଅଧିକାରୀ ରମେଶ ପାଢ଼ୀ, ଆଇପି ସଞ୍ଜୟ ମିଶ୍ର, ପୂର୍ବତନ ଆଇପି ମହେନ୍ଦ୍ର ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଲାଞ୍ଜିଗଡ ଏସଏସଡି ସ୍କୁଲ ପ୍ରଧାନ ଶିକ୍ଷକ ପାର୍ଥବ ତାଣ୍ଡି ଓ ଯୁକ୍ତ ୨ ଅଧ୍ୟକ୍ଷ ନିହାର ରଞ୍ଜନ ବିଶ୍ୱାଳ, ବେଦାନ୍ତ ସିଏସଆର ଅଭିନବ ପ୍ରତାପ, ଲାଞ୍ଜିଗଡ଼ କରାଟେ କୋଚ କ୍ଷମାନିଧି ମହାଖୁଡ ତଥା ୩ଟି ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବେଦାନ୍ତ ଲିମିଟେଡ୍ କର୍ମଚାରୀମାନେ ଖେଳାଳିଙ୍କୁ ସମ୍ବର୍ଦ୍ଧନା କରିବା ସହ ସଫଳତା ପାଇଁ କାମନା କରିଛନ୍ତି।

## ସଂକ୍ଷେପରେ

### ବିଜେଡି ଯୁବନେତାଙ୍କ ଘରେ ଚଢ଼ାଉ

**ସୋନପୁର,୨୧।୯(ମୃତ୍ୟୁଞ୍ଜୟ ଶତପଥୀ):** ସୁବର୍ଣ୍ଣପୁର ଜିଲା ଯୁବ ବିଜେଡି ସଭାପତି ଅଶୋକ କୁମାର ନନ୍ଦଙ୍କ ଘରେ ଗୁରୁବାର ଆୟକର ବିଭାଗ(ଆଇଟି) ପକ୍ଷରୁ ଚଢ଼ାଉ କରାଯାଇଛି । ନନ୍ଦଙ୍କ ବିନିକା ବ୍ଲକ ସିଂଘିଯୁବାସ୍ଥିତ ପୈତୃକ ଘରେ ଏହି ଚଢ଼ାଉ ଚାଲିଛି । କ୍ରସର ବ୍ୟବସାୟ ଆୟ ସମ୍ପର୍କିତ ଘଟଣାକୁ ନେଇ ଚଢ଼ାଉ ଚାଲିଥିବା ଜଣାପଡ଼ିଛି । ଭୁବନେଶ୍ୱର ଓ ସମ୍ବଲପୁର ଆୟକର ବିଭାଗର ଟିମ୍ ମିଳିତ ଭାବେ କାଗଜପତ୍ର ଯାଞ୍ଚ କରୁଛନ୍ତି । ବରଗଡ଼ର ଆୟକର ଫାଙ୍କି ସମ୍ପର୍କିତ ଏକ ଲିଙ୍କ୍‌କୁ ନେଇ ଏହି ଚଢ଼ାଉ ଖବର ଲେଖା ହେବା ପର୍ଯ୍ୟନ୍ତ ଜାରି ରହିଛି । ନନ୍ଦ ବିନିକା ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ଥିଲେ । ତାଙ୍କର କ୍ରସର ଓ ଅନ୍ୟ ବ୍ୟବସାୟ ଅଛି । ତାଙ୍କ ଧର୍ମପତ୍ନୀ ଏବେ ବିନିକା ବ୍ଲକ ଅଧ୍ୟକ୍ଷା ଅଛନ୍ତି ।

### ପାରାୟଣ ଗାୟକ ହଜାରୀ ଦାଶଙ୍କ ପରଲୋକ

**ବାଉଁଶୁଣୀ, ୨୧।୯(ଦେବାଶିଷ ନେପାକ):** ବୌଦ୍ଧ ଜିଲାର ସୁନାମଧନ୍ୟ ପାରାୟଣ ଗାୟକ ହଜାରୀ ଦାଶ (୫୯)ଙ୍କ ପରଲୋକ ହୋଇଯାଇଛି । ସେ କିଛି ଦିନ ହେଲା ମଧୁମେହ ରୋଗରେ ପୀଡିତ ହୋଇ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ । ଚିକିତ୍ସା କରୁଥିବା ଡାକ୍ତରଙ୍କ ପରାମର୍ଶକ୍ରମେ ବୁଧବାର ତାଙ୍କୁ ସୋନପୁର ଡାକ୍ତରଖାନାରୁ ବୁର୍ଲା ଭୀମସାରକୁ ନିଆଯିବା ବେଳେ ଉଲୁଣ୍ଡା ନିକଟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କୁ ଯେତେବେଳେ ୧୮ ବର୍ଷ ହୋଇଥିଲା, ସେତେବେଳେ ସେ ପାରାୟଣ ଗାୟକ ଭାବେ ନିଜର କ୍ୟାରିୟର ଆରମ୍ଭ କରିଥିଲେ । ବିଭିନ୍ନ ଗ୍ରାମରେ ଓ ଅନୁଷ୍ଠାନରେ ପାରାୟଣ ଗାନ କରି ବହୁ ପ୍ରତିଷ୍ଠା ଅର୍ଜନ କରିଥିଲେ । ତାଙ୍କର ଦୁଇ ପୁଅ ଓ ଗୋଟିଏ ଝିଅ । ସାନ ପୁଅ ରାଜେଶ ଦାଶ ମଧ କିଛି ବର୍ଷ ହେଲା ପାରାୟଣ ଗାୟନ କରି ଆସୁଛନ୍ତି । ତାଙ୍କର ମୃତଦେହ ନିଜ ଗ୍ରାମ ବହିରା ଗ୍ରାମ ପଞ୍ଚାୟତର ବ୍ରାହ୍ମଣୀ (କୁମ୍ଭାରପାଲି)ଠାରେ ପହଞ୍ଚିବା ପରେ ବନ୍ଧୁବର୍ଗ ଓ ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ । ଗାଁରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଆନ୍ଦୋଳନ ସ୍ଥଗିତ ରଖିଲା ପ୍ରାଥମିକ ଶିକ୍ଷକ ସଂଘ

**ଭବାନୀପାଟଣା,୨୧।୯(ଉତ୍ତମ କୁମାର ଦାଶ):** ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ(ଏୟୁପିଟିଏଫ୍) ପକ୍ଷରୁ ଗତ ୧୩ ତାରିଖଠାରୁ ୩ଦଫା ଦାବି ନେଇ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସାମୂହିକ ଛୁଟିରେ ଯିବା ସ୍ଥାନୀୟ ବିଇଓ ଅଫିସ ସମ୍ମୁଖରେ ଦାବି ପାଇଁ ଆନ୍ଦୋଳନ କରିଥିଲେ । ପରେ ୧୮ ତାରିଖ ଏୟୁପିଟିଏଫ୍ ରାଜ୍ୟ ମହାସଚିବ ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ସହ ଆଲୋଚନା କରିଥିଲେ ।



ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମରେ ଅତିଥିଙ୍କ ସହିତ କଳାକାରବୃନ୍ଦ ।



କାର୍ଯ୍ୟକ୍ରମରେ ନୃତ୍ୟଗୁରୁଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

# ଗୋବିନ୍ଦପୁରରେ ନୂଆଁଖାଇ ଭେଟ୍

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁରଠାରେ ଗୁରୁବାର ନୂଆଁଖାଇ ଭେଟଘାଟ୍ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବରଗଡ଼ ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ନିତ୍ୟାନନ୍ଦ ନାଏକ, ଯୀଶୁଖ୍ରୀଷ୍ଟ ଦାଶ, ଗୁରୁଦେବ ସାହୁ, ଲକ୍ଷ୍ମଣ ପ୍ରଧାନ, ନରୋତ୍ତମ ସରାଫ ପ୍ରମୁଖ ଯୋଗଦେଇ ନୂଆଁଖାଇ ସଂସ୍କୃତି, ପରମ୍ପରା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ନୀଳିମା ମହାନ୍ତି, ନେହେରୁ ସରାଫ, ଶ୍ରୀକାନ୍ତ, ବିଦୁସ୍ମିତା ପ୍ରମୁଖଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଅବସରରେ କଳା, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନୃତ୍ୟଗୁରୁ ଶଙ୍କର ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସମ୍ବର୍ଦ୍ଧନା ସଭାରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ବରଗଡ଼ ଜିଲା ପ୍ରାଥମିକ ସଭାପତି ନବୀନ ସାବତ ପ୍ରମୁଖ ସାବତ ଉପସ୍ଥିତ ଥିଲେ । ଗୋବିନ୍ଦପୁର ଗ୍ରାମବାସୀ ସହଯୋଗ କରିଥିଲେ ।



ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# କୁମ୍ଭାରୀରେ ନୂଆଁଖାଇ ଭେଟ୍

**ବରପାଲି,୨୧।୯(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ ଅନ୍ତର୍ଗତ ଲୋକକଲା ଗ୍ରାମ କୁମ୍ଭାରୀରେ ଗୁରୁବାର କୋଶଲୀ ନାଟ୍ୟ ମହର୍ଷି ତଥା ଶବ୍ଦନୃତ୍ୟ ଗୁରୁ ଭଗବାନ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜାଦ ଯୁବକ ସଂଘ ପକ୍ଷରୁ ୩୮ତମ ନୂଆଁଖାଇ ଭେଟ୍-୨୦୨୩ ଅଭିନେତା ରାମଜୀ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଏଥିରେ ରାଜ୍ୟ ଭାଜପା ଉପସଭାପତି ଡ. ଲେଖାଶ୍ରୀ ସାମନ୍ତ ସିଂହାର ମୁଖ୍ୟଅତିଥି ଭାବେ ଯୋଗଦେଇ ମଣିଷ ମଣିଷ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାର ପର୍ବ ନୂଆଁଖାଇ ବୋଲି ମତବ୍ୟକ୍ତ କରିଥିଲେ । ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନତ ଗଡ଼ତିଆ, ବରଗଡ ଏମ୍‌ପି ପ୍ରତିନିଧି ଧୀରୋଜ ପଧାନ, ଭାଜପା ଯୁବନେତା ସୁରେନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଏବଂ ନାଟ୍ୟକାର ତଥା ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସଂସ୍କୃତି ବଞ୍ଚିଲେ ଆମେ ବଞ୍ଚିବା ବୋଲି ମତ ଦେଇଥିଲେ । ପପୁନ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ରଜେଶ୍ୱରୀ ନାଟ୍ୟ ସଂଘର କଳାକାରମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କୁମ୍ଭାରୀ ଗ୍ରାମର ଜ୍ୟୋତିରଞ୍ଜନ ପଣ୍ଡା, ସାହିଲ ସାହୁ, ଅଜୟ ସାହୁ ଓ ରୁଦ୍ରପ୍ରତାପ ଭୋଇଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ସୁଦାମ ପଧାନ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନର ପ୍ରତିଷ୍ଠା ଦିବସ

**ଖଡ଼ିଆଲ,୨୧।୯(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନର ୩୨ତମ ପ୍ରତିଷ୍ଠା ଦିବସ ସହ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମା' ସମଲେଇଙ୍କ ପ୍ରତିମୂର୍ତ୍ତିରେ ପୂଜାର୍ଚ୍ଚନା ସହ ନବାନ୍ନ ଅର୍ପଣ ପରେ ଉପସ୍ଥିତ ସମସ୍ତେ ନୂଆଁ ଖାଇଥିଲେ । ପରେ ପରସ୍ପର ମଧ୍ୟରେ ଜୁହାର ଭେଟଘାଟ ଅନୁଷ୍ଠାନ ସଭାପତି ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଖଡ଼ିଆଲ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଅନୁଷ୍ଠାନ ଉପଦେଷ୍ଟା ମେଜର ରାମଚନ୍ଦ୍ର ମିଶ୍ର, ଜଗବନ୍ଧୁ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ନୂଆଁଖାଇ ପର୍ବ ପାଳନ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଖଡ଼ିଆଲ ସାଂସ୍କୃତିକ ଅନୁଷ୍ଠାନ ଜନ୍ମ ନେଇ ଦୀର୍ଘ ୩୧ ବର୍ଷ ହେଲା, ଖଡ଼ିଆଲ ଅଞ୍ଚଳର କଳା, ସଂସ୍କୃତି ଏବଂ ପରମ୍ପରାକୁ ବଞ୍ଚାଇ ରଖି ଆସୁଥିବାରୁ ଅନୁଷ୍ଠାନ ଉଦ୍ୟମକୁ ପ୍ରଶଂସା କରିଥିଲେ । ସଭ୍ୟ ଗଙ୍ଗାଧର ମହାଉତିଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । ଖଡ଼ିଆଲ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ।

# ନୂଆଁଖାଇ ଭେଟ୍‌ଘାଟ୍‌ର ରୌପ୍ୟଜୟନ୍ତୀ



କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଉଛି ।

**ପଦ୍ମପୁର,୨୧।୯(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଆର୍‌ବି ହାଇସ୍କୁଲ ପ୍ରାଙ୍ଗଣ ଗଙ୍ଗାଧର ମଣ୍ଡପରେ ଏବିସିଡି ଅନୁଷ୍ଠାନ ପକ୍ଷରୁ ବୁଧବାର ବୋଡ଼ାସମ୍ବର ନୂଆଖାଇ ଭେଟ୍‌ଘାଟ୍‌ର ରୌପ୍ୟଜୟନ୍ତୀ ପାଳିତ ହୋଇଯାଇଛି । ପଦ୍ମପୁର ଝାଙ୍କର ସୁରେଶ ଡୁଡୁକା ସମଲେଇ ପୂଜା ଓ ପ୍ରାରମ୍ଭିକ ସଙ୍ଗୀତ କରିବେଷଣ କରିଥିଲେ । ସମ୍ପାଦକ ରଘୁନାଥ ପୁରୀ ବିବରଣୀ ପଠନ କରିଥିବା ବେଳେ ବିଭିନ୍ନ ସମାଜ ପକ୍ଷରୁ ଜୁହାର୍ ଭେଟ୍, ଭେଡେନର ସମ୍ବଲପୁରୀ, ଭୁବନେଶ୍ୱରର ଓଡ଼ିଶୀ, ପ୍ରଜ୍ଞାପ୍ରାପ୍ତି ନାଥଙ୍କ ସମଲେଇ ଭଜନ, ବର୍ଷା ମେହେର ଓ ବର୍ଷା ମହିମାଙ୍କ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା । ଉପଦେଷ୍ଟା କେଶରଞ୍ଜନ ପଧାନ, ନାଟ୍ୟକାର ଅଶୋକ ବହିଦାର ମଞ୍ଚ ପରିଚାଳନା କରିଥିଲେ । ଅଞ୍ଜନ ପଧାନ, ମନୀଷ ରଥ ଆଙ୍କରିଂ କରିଥିଲେ । ରମେଶ ଗୁର୍ଲା, ସୁରେନ୍ଦ୍ର ସାହୁ, ଟୁନା ବାରିକ, ରାଜେଶ ଗୁର୍ଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଦସ୍ୟ ଅନିଲ ବେହେରା, ସମ୍ପତ ସାହୁ, ପ୍ରତାପ ନାଥ, ସୁରେଶ ମିଶ୍ର, ସରୋଜ ଯୋଶୀ, ସରୋଜ ଦାନୀ, ସୁଶାନ୍ତ ସରାଫ, ଅଂଶୁମାନ ମେହେର, ରବୀନ୍ଦ୍ର ଦାସ, ଅମୀୟ ପୁରୋହିତ, ଇନ୍ଦ୍ରମଣି ପୁରୋହିତ, ଦେବେନ୍ଦ୍ର ମେହେର ଓ ହରିହର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଗଞ୍ଜେଇ ବୋଝେଇ କାର୍ ଜବତ



ଗିରଫ ୩ ଅଭିଯୁକ୍ତ ।

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଟାଉନ ଥାନା ପୋଲିସ ଗୁରୁବାର ସହର ଉପକଣ୍ଠ ବୀର ଛକରେ ୨ ଗଞ୍ଜେଇ ବୋଝେଇ କାର୍‌କୁ ଜବତ କରିଛି । ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ରାଜ୍ୟ ଜବଲପୁର ମସନିଆ ଗ୍ରାମର ଜୟ ସାହୁ, ଅଭିଷେକ ସିଦାର ଏବଂ ବିଜୟ ଖୁସବା । ପୋଲିସ ସେମାନଙ୍କ ବିରୋଧରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ କରୁଛି । ଅଭିଯୁକ୍ତମାନେ ଉକ୍ତ ୨ କାର୍ ଯୋଗେ ବୌଦ୍ଧ ଅଞ୍ଚଳରୁ ଛତିଶଗଡ଼ ପଟକୁ ଗଞ୍ଜେଇ ଚାଲାଣ କରୁଥିବା ନେଇ ଟାଉନ ଥାନା ପୋଲିସକୁ ସୂଚନା ମିଳିଥିଲା । ସେହି ସୂଚନାକୁ ଆଧାର କରି ଟାଉନ ଥାନା ଆଇଆଇସି ସତ୍ୟଜିତ୍ କାଣ୍ଡେନକେଲଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ବୀର ଛକରେ ଛପି ରହିଥିଲା ଏବଂ ଗଞ୍ଜେଇ ବୋଝେଇ କାର୍ ସେଠାରେ ପହଞ୍ଚିବା ପରେ ଜବତ କରିଥିଲା ।

**ନୂଆଖାଇ ଭେଟଘାଟ ଉଦ୍‌ଯାପିତ**

# ନାଚ, ଗୀତରେ ଦୁଲୁକିଲା ମଞ୍ଚ

**ବୌଦ୍ଧ,୨୧।୯( ଅଜିତ କୁମାର ବାରିକ )**

ବୁଧବାର ଥିଲା ପଶ୍ଚିମ ଓଡିଶାର ମହାନ ଗଣପର୍ବ ନୂଆଁଖାଇ । ଏଥିପାଇଁ ସମଗ୍ର ପଶ୍ଚିମ ଓଡିଶା ଉତ୍ସବମୁଖର ହୋଇଥିବା ବେଳେ ଏଥିରୁ ବୌଦ୍ଧ ଜିଲା ବାଦ ପଡିନି । ଜିଲାର ଗାଁଠୁ ସହର ପର୍ଯ୍ୟନ୍ତ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା । ବୌଦ୍ଧର ଅଗ୍ରଣୀ ଅନୁଷ୍ଠାନ ଗେହ୍ଲାମା କଳା ନିକେତନ ପକ୍ଷରୁ ମାଉସୀ ମା' ମନ୍ଦିରଠାରେ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଛି । ବୁଧବାରଠାରୁ ହୋଇଥିବା ଏହି ଗୁରୁବାର ଏହି ଭେଟଘାଟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିବା ବେଳେ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ । ଭେଟଘାଟ ପାଇଁ ସମ୍ବଲପୁରୀ ନାଚଗୀତରେ ମଞ୍ଚ ଦୁଲୁକି ଉଠିଥିଲା । ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ରସରକେଲି, ପ୍ରଣାମ ଅନୁଷ୍ଠାନ ପକ୍ଷରୁ ଚୁଟକୁଚୁଟା, ଗେହ୍ଲାମା କଳା ନିକେତନ ପକ୍ଷରୁ ସମ୍ବଲପୁରୀ ନାଚ, ଜିତୁ ଆଣ୍ଡ ଗ୍ରୁପ, ଆକୃତି ବୌଦ୍ଧ ପକ୍ଷରୁ ନୃତ୍ୟ ପରିବେଷଣ ହୋଇଥିଲା । ଅନୁଷ୍ଠାନର ସଭାପତି ଶଶାଙ୍କ ଶେଖର ମିଶ୍ର, ସମ୍ପାଦକ ଆଶୁତୋଷ ମହାପାତ୍ର , ଉପଦେଷ୍ଟା ଚିତ୍ତରଞ୍ଜନ ଦାସ, ଗୋପାଳକୃଷ୍ଣ ବେହେରା, ସନ୍ତୋଷ ନାୟକ, ଶତ୍ରୁଜିତ ମହାପାତ୍ର, ବସନ୍ତ କୁମାର ସାହୁ, ନାରାୟଣ ମହାନ୍ତି , ମିହିର ଚାନ୍ଦ , ପ୍ରଶାନ୍ତ ଭାଇନା, ଜିତେନ୍ଦ୍ର ମହାନ୍ତି , ମିକୁନ ଘିବେଲା, ପ୍ରତ୍ୟୁଷ ଦାନି, ରବିନ୍ଦ୍ର ପଟ୍ଟନାୟକ, ଅରୁପ ମହାରଣାଙ୍କ ସହଯୋଗରେ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



# ବିଡିପିଏଲରେ ଶ୍ରମିକ ଆନ୍ଦୋଳନ

**ପୁରୁଣାକଟକ,୨୧।୯(ସୁକାନ୍ତ କୁମାର ପଟ୍ଟନାୟକ )**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମ୍ଭିକଟା ବିଡିପିଏଲ କମ୍ପାନୀରେ ଗୁରୁବାର ଦିନ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ସକାଳ ୯ଟାଠାରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଫାଟକ ସମ୍ମୁଖରେ ଧାରଣା ଦେଇଛନ୍ତି । ଶ୍ରମିକଙ୍କ ଦରମା ବୃଦ୍ଧି, ମାସିକ ୪ଟି ଛୁଟି, ବସ୍ତାର ଓଜନ ପରିମାଣ ହ୍ରାସ ଆଦି ଦାବି ନେଇ ଏହି ଆନ୍ଦୋଳନ କରାଯାଉଛି । ଶ୍ରମିକମାନଙ୍କ କହିବା ଅନୁଯାୟୀ, କମ୍ପାନୀର ସିଇଓ ଶ୍ରମିକମାନଙ୍କୁ ଦୁର୍ବ୍ୟବହାର ଦେଖାଉଥିବା ବେଳେ ବାହାରୁ ଶ୍ରମିକ ଆଣି କାମ କରିବା ପାଇଁ ଧମକ ଦିଆଯାଉଛି । ଘଟଣାସ୍ଥଳରେ ବୌଦ୍ଧ ପୋଲିସ ପହଞ୍ଚିଥିବା ବେଳେ କମ୍ପାନୀ ପକ୍ଷରୁ କୌଣସି କର୍ମଚାରୀ ଆନ୍ଦୋଳନରତ ଶ୍ରମିକମାନଙ୍କ ସହିତ ଆଲୋଚନା କରିନାହାନ୍ତି । ସିଇଓ ଆସି ତାଙ୍କ ସହିତ ଆଲୋଚନା କରି ସମସ୍ତ ସମସ୍ୟାର ସମାଧାନ କରିବାକୁ ଶ୍ରମିକମାନେ ଅଡ଼ି ବସିଛନ୍ତି । ନ ହେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ଚେତାବନୀ ଦେଇଛନ୍ତି ।



ଆନ୍ଦୋଳନରତ ଶ୍ରମିକ ।

# ଆଦିବାସୀ ଓ ଆର୍ଯ୍ୟ ସଂସ୍କୃତିର ମହାମିଳନ ପର୍ବ ନୂଆଁଖାଇ

**ସୁବଳୟା,୨୧।୯(ଜୟାନନ୍ଦ ରଥ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଟିକିରାପଡାଠାରେ ନୂଆଁଖାଇ ପର୍ବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ବୁଧବାର ସକାଳେ ସୁବଳୟା, ଟିକିରାପଡା ଓ ସାଲେଇପଦର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ସପ୍ତଶକ୍ତି ଦେମୂଳପୀଠରେ ଧାର୍ଯ୍ୟ ଲଗ୍ନରେ ନୂଆ ଧାନରେ ପ୍ରସ୍ତୁତ ଭୋଗକୁ ଅର୍ପଣ କରାଯାଇଥିଲା । ପୂଜକ ଗଣେଶ ପଧାନ ପୂଜାର୍ଚ୍ଚନା ପରେ ଦେବୀଙ୍କୁ ନବାନ୍ନ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଟିକିରାପଡା ଦଧିବାମନ ଯୁବକ ମହାସଂଘର କର୍ମକର୍ତ୍ତା ମାନେ ନୂଆଁଖାଇ ଭେଟଘାଟ୍ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ଗିରିଧାରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବୟନିକାର ସଭାପତି ପ୍ରକାଶ କୁମାର ମେହେର ଯୋଗଦାନ କରି ନୂଆଁଖାଇର ମହତ୍ତ୍ୱ ଓ ପରମ୍ପରା ସମ୍ପର୍କରେ ବୁଝାଇଥିଲେ । ଅଧ୍ୟାପକ ଡ.ଲିଙ୍ଗରାଜ ମେହେର ଯୋଗଦାନ କରି ଆଦିବାସୀ ଓ ଆର୍ଯ୍ୟ ସଂସ୍କୃତିର ମହାମିଳନ ପର୍ବ ନୂଆଁଖାଇର ମାହାତ୍ମ୍ୟ, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ବ୍ଲକର ପ୍ରାକ୍ତନ ଅଧ୍ୟକ୍ଷ ରଞ୍ଜିତ କୁମାର ରଥ, ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ରାଜାରାମ ପାଢୀ, କୈଳାଶ ଚନ୍ଦ୍ର ମେହେର, ପଙ୍କଜ ମେହେର, ତାରେଶ୍ୱର ମେହେର, ଗଣେଶ ମେହେର ଓ ଡୋଳାମଣି ମେହେର ପ୍ରମୁଖ ମଞ୍ଚାସୀନ ରହି ନୂଆଁଖାଇ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ ଗ୍ରାମର ୬ ଜଣ ବରିଷ୍ଠ ବୁଣାକାର ପରମେଶ୍ୱର ମେହେର, ଏନେ ମେହେର, ପୂର୍ଣ୍ଣଚନ୍ଦ୍ର ମେହେର, ଫୁଲମାଲ ମେହେର, ତାରା ମେହେର ଓ ଶାନ୍ତି ମେହେରଙ୍କୁ ବୟନିକା ପକ୍ଷରୁ ସମ୍ମାନିତ କରାଯାଇଥିଲା । ଦଧିବାମନ ଯୁବକ ମହାସଂଘ ପକ୍ଷରୁ ଟଙ୍କଧର ମେହେର, ପଦ୍ମଲୋଚନ ମେହେର, ବିନାୟକ ମେହେର, ଡୋଳାମଣି ମେହେର, ତୀର୍ଥ ମେହେର, ଶଙ୍କର ମେହେର ଓ ନବୀନ ମେହେରଙ୍କୁ ସମ୍ମାନିତ କରାଯାଇଥିଲା । ସଭା ପରେ ଗ୍ରାମର ବାଳିକା ବାଳକ ଓ ଯୁବକମାନଙ୍କ ପକ୍ଷରୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଯୁବକ ମହାସଂଘର ସଭାପତି ସମିତ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଭ୍ୟମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।



ନୂଆଁଖାଇ ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ଟିକିରାପଡାରେ ନୂଆଁଖାଇ ଭେଟଘାଟ୍**

## ସଂକ୍ଷେପରେ

### ବର୍ଷାରେ ଖାଁ ଖାଁ ପୂଜାପେଣ୍ଡାଲ

**କୁଆଁରମୁଣ୍ଡା,୨୧।୯(ମହେନ୍ଦ୍ର କୁମାର ସାହୁ):** ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ସୁନ୍ଦରଗଡ ଜିଲା କୁଆଁରାମୁଣ୍ଡା ବ୍ଲକ ସମେତ ବୀରମିତ୍ରପୁର ପୌରାଞ୍ଚଳରେ ଥିବା ଗେଣେଶ ପୂଜା ପେଣ୍ଡାଲଗୁଡିକ ଖାଁ ଖାଁ ରହିଛି। କୁଆଁରମୁଣ୍ଡା ଯମୁନାନାକି, ଫରେଷ୍ଟ କାର୍ଯ୍ୟାଳୟ, ଚେକ୍ ଗେଟ, ବ୍ଲକ ରୋଡ, ବଜରଙ୍ଗ ଛକ, ସରବେର୍ଣି ଆଦି ପୂଜା ପେଣ୍ଡାଲରେ ପ୍ରତିଦିନ ଅନ୍ନପ୍ରସାଦ ଲାଗି ହେଉଥିଲେ ମଧ୍ୟ ଗତ ୨ଦିନ ଧରି ବର୍ଷା ଲାଗି ରହିଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା କମ୍ ରହୁଛି ବୋଲି ପୂଜା ପେଣ୍ଡାଲ ଆୟୋଜକମାନେ କହିଛନ୍ତି।

### ମୋଟର ପମ୍ପ ଚୋରି ଘଟଣା, ଆଉ ଜଣେ ଗିରଫ

**ବଡ଼ଗାଁ,୨୧।୯( ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଭୋଇପାଲି ଗ୍ରାମରେ ମୋଟର ପମ୍ପ ଚୋରି ଘଟଣାରେ ପୋଲିସ ଆଉ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ପ୍ରଭାତ ମାଝି(୪୬)। ପୂର୍ବରୁ ଏହି ଘଟଣାରେ ମଧୁ କିଷାନ କୋର୍ଟ ଚାଲାଣ ହୋଇଛନ୍ତି। ସୂଚନାଯୋଗ୍ୟ, ପାନୀୟ ଜଳ ଯୋଗାଇ ଦେବାପାଇଁ ସ୍ଥାପିତ ଆରୋ ପ୍ଲାଣ୍ଟରେ ଲାଗିଥିବା ପାଣି ପମ୍ପକୁ ଗତ ୧୧ ତାରିଖ ରାତିରେ ଚୋର ଚୋରି କରି ନେଇଥିଲେ। ଏନେଇ ଥାନା ଅଇଆଇସି ବନ୍ଦିତା ପାତ୍ରଙ୍କ ଠାରେ ସ୍ଥାନୀୟ ସରପଞ୍ଚ ଲିଖିତ ଜଣାଇଥିଲେ। ଏଏସଆଇ ଅରୁପାନନ୍ଦ ଦାସ ଘଟଣାର ତଦନ୍ତ କରିଥିଲେ।

### ଅନ୍ୟ ଧର୍ମରେ ବିବାହ କରିବାରୁ ବାସନ୍ଦ କଲେ ଜାତିଭାଇ

**ଶେଷକୃତ୍ୟ ସମ୍ପନ୍ନ କଲେ ଟିମ୍ ଶ୍ମଶାନ ବନ୍ଧୁ**

**ସୁନ୍ଦରଗଡ,୨୧।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ତଳସରା ଥାନା ଅନ୍ତର୍ଗତ ସବ୍‌ଡେଗାରେ ସ୍ତ୍ରୀ ପ୍ରମିଳା ସୋରେଙ୍ଗଙ୍କୁ ହତ୍ୟା କରି ଫେରାର ହୋଇଯାଇଥିବା ସ୍ୱାମୀ ଅଲିଖାନ୍ ଏଯାବତ ଗିରଫ ହୋଇ ନ ଥିବା ବେଳେ ପୋଲିସ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରିଥିଲା। ମୃତଦେହ ହସ୍ତାନ୍ତର କରିବା ପାଇଁ ପୋଲିସ ପ୍ରମିଳାଙ୍କ ସମ୍ପର୍କୀୟଙ୍କୁ ଯୋଗାଯୋଗ କରିଥିଲା। ହେଲେ ସେ ଅନ୍ୟ ଧର୍ମରେ ବିବାହ କରିଥିବାରୁ ସମ୍ପର୍କୀୟ କିମ୍ବା ଗ୍ରାମବାସୀ କେହି ସତ୍କାର କରିବାକୁ ମନା କରିଦେଇଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ହିମାଂଶୁ ଶେଖର ବେହେରା ଟିମ୍ ଶ୍ମଶାନ ବନ୍ଧୁ ସଦସ୍ୟଙ୍କ ସହଯୋଗ ଲୋଡିଥିଲେ ଓ ଟିମ୍ ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଫୋନ ଯୋଗେ ସୂଚନା ଦେଇଥିଲେ। ପ୍ରବଳ ବୃଷ୍ଟିପାତ ତଥା ଘଡ଼ଘଡ଼ି ବିଜୁଳି ସତ୍ତ୍ୱେ ଚିକିତ୍ସାଳୟରୁ ମହାପ୍ରୟାଣ ଶବବାହକ ଯାନ ଯୋଗେ ଆଣି ସ୍ଥାନୀୟ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରିଥିଲେ। ପ୍ରବଳ ଘଡ଼ଘଡ଼ି ଓ ବିଜୁଳି ଯୋଗୁ ବିଦ୍ୟୁତ୍ ସରବରାହ ବନ୍ଦ ଥିବାବେଳେ ବାଇକ୍ ଲାଇଟରେ ଶ୍ମଶାନ ବନ୍ଧୁମାନେ ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡିଛି। ପୋଲିସ ଉପଖଣ୍ଡ ଅଧିକାରୀ, ତଳସରା ପୋଲିସ ତଥା ସବ୍‌ଡେଗା ଅଞ୍ଚଳର ସଚେତନ ନାଗରିକ ଟିମ୍ ଶ୍ମଶାନ ବନ୍ଧୁର ଏଭଳି କାର୍ଯ୍ୟ ପାଇଁ ଧନ୍ୟବାଦ ଜଣାଇବା ସହ ପ୍ରଶଂସା କରିଥିଲେ। ଟିମ୍ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ବିଷ୍ଣୁ ରକ୍ସା, ଦେବେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ବର୍ଷା ଯୋଗୁ ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ବେହେରାଡିହି ପଞ୍ଚାୟତ ଦାଣ୍ଡପାନୀ ଗ୍ରାମର ମୁଖ୍ୟ ରାସ୍ତା କାଦୁଅ ହୋଇଛି।

## କାଦୁଅ ରାସ୍ତା ହିଁ ଗ୍ରାମବାସୀଙ୍କ ସାହା

### ଦାଣ୍ଡପାନୀ ମୁଖ୍ୟ ରାସ୍ତା ଶୋଚନୀୟ

**ସୁନ୍ଦରଗଡ,୨୧।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଜିଲା ବାଲିଶଙ୍କରା ବ୍ଲକ ବେହେରାଡିହି ପଞ୍ଚାୟତ ଦାଣ୍ଡପାନୀ ଗ୍ରାମର ମୁଖ୍ୟ ରାସ୍ତା ଦୀର୍ଘ ଦିନ ହେବ ଶୋଚନୀୟ ଅବସ୍ଥାରେ ପଡ଼ି ରହିଛି। ଏହା ମାଟି ରାସ୍ତା ହୋଇଥିବାରୁ ବର୍ଷା ଦିନେ କାଦୁଅ ପଚପଚରେ ଲୋକେ ଯା'ଆସ କରୁଛନ୍ତି। ଅନେକ ସମୟରେ ଏହି ରାସ୍ତାରେ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଶହଶହ ଲୋକ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ଏନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ତେବେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥା ଶୀଘ୍ର ରାସ୍ତା ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

## ଉତ୍କଳ ସମ୍ମିଳନୀ ପାଳିଲା ନୂଆଁଖାଇ

**ରାଉରକେଲା,୨୧।୯(ଦିନେଶ ମିଶ୍ର)**



ନୂଆଁଖାଇ ଉତ୍ସବରେ ମଞ୍ଚାସୀନ ଅତିଥି।

ଛେଣ୍ଡ କଲୋନୀ ସ୍ଥିତ ଧାମରା ସଂଘ ପରିସରରେ ଗୁରୁବାର ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ଓ ଉତ୍କଳ ଶିଳ୍ପ ପରିଚାଳକ ସମାଜର ମିଳିତ ଆନୁକୂଲ୍ୟରେ ଧୁମ୍‌ଧାମ୍‌ରେ ନୂଆଁଖାଇ ପାଳିତ ହୋଇଛି। ରିମ୍ସ କଲେଜର ଅଧ୍ୟକ୍ଷା ନଳିନୀପ୍ରଭା ପଟ୍ଟନାୟକ ମା' ସମଲେଇଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ବୀରମିତ୍ରପୁର ପୌରପାଳିକାର ଅଧ୍ୟକ୍ଷ ସନ୍ଦୀପ ମିଶ୍ର ସମ୍ମାନିତ ଅତିଥି ଏବଂ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡିଆ ବିଭାଗର ମୁଖ୍ୟ ପ୍ରଫେସର ଡ. ଲକ୍ଷ୍ମୀ ମାଝୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ନୂଆଁଖାଇ ପର୍ବ ପାଳନ ଉପରେ ବକ୍ତବ୍ୟ ଦେଇଥିଲେ। କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ରାଉରକେଲା ଶାଖା ସଭାପତି ସୁଦାମ ଦାସ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ଉପସଭାନେତ୍ରୀ ଡ. କିଶୋରୀ ଦାଶ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସାଧାରଣ ସମ୍ପାଦକ ଅକ୍ଷୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କନକ ମିଶ୍ର ଓ କବି ସୁଶାନ୍ତ ନାୟକଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜ୍ୟୋତିର୍ମୟୀ ଆଚାର୍ଯ୍ୟ ଓ ସାଥୀ କଳାକାର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଝିରପାଣିର ଝରିଆ ସାଂସ୍କୃତିକ ଅନୁଷ୍ଠାନର ପ୍ରାଧ୍ୟାପିକା ପ୍ରଭାସୁଚିତା ଏକ୍କାଙ୍କ ନେତୃତ୍ୱରେ ନୂଆଁଖାଇ ଲୋକଗୀତ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ତପସ୍ୱିନୀ ବେହେରା, ଭଗବାନ ମହାପାତ୍ର, ନବଘନ ପାଣି, ବାଳକୃଷ୍ଣ ସ୍ୱାଇଁ, ଶମ୍ଭୁନାଥ ପରିଡା, ରାଜକିଶୋର ମିଶ୍ର, ଉତ୍ତମ ବାରିକ, ନିର୍ମଳା ମହାପାତ୍ର, ସୂର୍ଯ୍ୟକାନ୍ତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପ୍ରାଧ୍ୟାପକ ଅଚିନ୍ତ୍ୟ ନାରାୟଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଉରକେଲାରୁ ଆର୍ଯ୍ୟବ୍ରତ

**ରାଉରକେଲା,୨୧।୯(ଦିନେଶ ମିଶ୍ର)**



ବିଶ୍ୱ କରାଟେ ଫେଡେରେଶନ (ଡବ୍ଲୁକେଏଫ) ଓ ଏସିଆନ କରାଟେ ଫେଡେରେଶନ (ଏକେଏଫ୍) ଦ୍ୱାରା ସ୍ୱୀକୃତିପ୍ରାପ୍ତ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ପକ୍ଷରୁ ଉତ୍ତରାଖଣ୍ଡର ଡେରାଡୁନଠାରେ ଜାତୀୟ କରାଟେ ଚାମ୍ପିୟନଶିପ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ(ଓସ୍କା) ପକ୍ଷରୁ ଗତ ୧୦ ତାରିଖରେ ଆୟୋଜିତ ରାଜ୍ୟ କ୍ୟାଡେଟ ଓ ଜୁନିୟର କରାଟେ ଚାମ୍ପିୟନଶିପ୍‌ରେ ସମସ୍ତ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀ ଟିମ୍‌କୁ ମିଶାଇ ୫୩ ଜଣିଆ ଓଡ଼ିଶା ଦଳ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ପ୍ରତିନିଧିତ୍ୱ କରୁଛନ୍ତି। ଏହି ଦଳରେ ରାଉରକେଲାର ଡିଏଭି ପବ୍ଲିକ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ଆର୍ଯ୍ୟବ୍ରତ ବିଶ୍ୱାଳ ଜୁନିୟର କୁମିତେ ୫୭ କିଲୋ ବର୍ଗରେ ରାଜ୍ୟକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନିତ ହୋଇଛନ୍ତି। ଆର୍ଯ୍ୟବ୍ରତ ରାଉରକେଲା ଉତ୍କଳ କରାଟେ ସ୍କୁଲଠାରେ କୋଚ୍ ରାଜୀବ ସିଂଙ୍କଠାରୁ କରାଟେ ପ୍ରଶିକ୍ଷଣ ନେଉଛନ୍ତି। ଆର୍ଯ୍ୟବ୍ରତଙ୍କ ସଫଳତା ପାଇଁ ଓସ୍କାର ସଭାପତି ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକ, ସମ୍ପାଦିକା ଡ. ଗୌରୀ ମହାନ୍ତି, ରାଉରକେଲା କରାଟେ ଆସୋସିଏଶନ ସଭାପତି ତଥା ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ଏବଂ ଡିଏଭି ସ୍କୁଲର ପ୍ରଧାନଶିକ୍ଷକ ଡ. ଲୋକନାଥ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ବଡ଼ଗାଁ, ମହପଡ଼ାରେ ନୂଆଁଖାଇ ଭେଟ୍‌ଘାଟ୍



ମହପଡା ଗ୍ରାମରେ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ବଡ଼ଗାଁ,୨୧।୯( ଅଶୋକ ଷଡ଼ଙ୍ଗୀ)**

**ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ମଞ୍ଚସ୍ଥ**

ସୁନ୍ଦରଗଡ ଜିଲା ବଡ଼ଗାଁ ଓ ମହପଡ଼ା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନାଟକ ମଞ୍ଚସ୍ଥ ହୋଇଯାଇଛି। ବଡ଼ଗାଁର ଦେବ ମଣ୍ଡପଠାରେ ଗ୍ରାମବାସୀ ଏକତ୍ରିତ ହୋଇ ପରସ୍ପରକୁ ନୂଆଁଖାଇ ଜୁହାର ଓ ଶୁଭକାମନା ଜଣାଇଥିଲେ। ରାତିରେ ଗ୍ରାମର ଯୁବକଙ୍କ ଦ୍ୱାରା ନାଟକ 'ଜହ ପଡା ଜହ ବେଡା' ମଞ୍ଚସ୍ଥ ହେଇଥିଲା। ନାଟକରେ ପୁଲିନ ରାଉତରାୟ ସଙ୍ଗୀତ ଓ ବରିଷ୍ଠ କଳାକାର ରାମକୃଷ୍ଣ ସାହୁ ନିର୍ଦ୍ଦେଶନା ଦେଇଥିଲେ। ଜଣେ କ୍ଷୁଦ୍ରଚାଷୀ ପରିବାରର ଯୁବକ ଉଚ୍ଚଶିକ୍ଷା ପାଇଁ ସହରକୁ ଯାଇ କିପରି ନିଶା କବଳରେ ପଡ଼ି ଭବିଷ୍ୟତ ଅନ୍ଧକାର କରିଦେଇଥିଲେ ଓ ଏଥିପାଇଁ ଚିନ୍ତାରେ ପଡ଼ି ମା' ବାପାଙ୍କ ମୃତ୍ୟୁ ହୋଇଥିଲା ଏହି ଶିକ୍ଷଣୀୟ ବିଷୟ ଉପରେ ପର୍ଯ୍ୟବସିତ ଜହ ପଡା ଜହ ବେଡା ନାଟକ ବେଶ୍ ମନଛୁଆଁ ହୋଇଥିଲା। ଓଁକାର କର, କମଳେନ୍ଦୁ ପାଣିଗ୍ରାହୀ, ବିଟୁ ନାୟକ, ସୋନୁ ପାଣିଗ୍ରାହୀ, ହେପି ସାହୁ ଓ ଆକାଶ ପୃଷ୍ଟି ନାଟକରେ ଅଭିନୟ କରିଥିଲେ। ସେହିପରି ଫୁଲବାରି ପଞ୍ଚାୟତର ମହପଡା ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଇଂଜିନିୟର ଅଜେକ କୁମାର ପ୍ରଧାନ, ଫୁଲବାରି ସରପଞ୍ଚ ଯୋଗୀନ୍ଦ୍ର କିଷାନ, ତୁଡାଲଗା ସରପଞ୍ଚ ସୁଦୀପ ବାଡା, ଭୋଇପାଲି ସରପଞ୍ଚ ମହେଶ୍ୱର ବରିହା, ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା, ସ୍ଥାନୀୟ ୱାର୍ଡମେମ୍ବର ରାମ ଦୟାଲ କିଷାନ, ସବିତା ମାଝି ଯୋଗଦେଇଥିଲେ। ମୁଖ୍ୟ ଅତିଥି ପ୍ରଧାନ ଉପସ୍ଥିତ ଗ୍ରାମବାସୀଙ୍କୁ ନୂଆଁଖାଇ ଜୁହାର ଜଣାଇଥିଲେ। ନୂଆଁଖାଇ ଭାଇଚାରା ଓ ସଦ୍‌ଭାବନାର ପର୍ବ ବୋଲି ସେ କହିଥିଲେ। ସମସ୍ତ ଅତିଥି ନୂଆଁଖାଇ ପର୍ବ ପାଳନ ଓ ଏହାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ଥାନୀୟ ଛୋଟ ପିଲାଙ୍କ ମଧ୍ୟରେ ନୃତ୍ୟ ପ୍ରତିଯୋଗିତା ହୋଇଥିବାବେଳେ ଜିଲା ଏଲଟି ମ୍ୟୁଜିକାଲର ଟିକୁ ଭାଇଙ୍କ ଗ୍ରୁପ ଦ୍ୱାରା ଅର୍କେଷ୍ଟ୍ରା ପରିବେଷଣ ହୋଇଥିଲା।

## ୨୨ରୁ ସମୂହ ଛୁଟିରେ ଯିବେ ଏସ୍‌ଡିସିସି ବ୍ୟାଙ୍କ କର୍ମଚାରୀ

**ସୁନ୍ଦରଗଡ,୨୧।୯( ଜୟନାରାୟଣ ମେଣ୍ଡୁଲୀ)**

ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ୪ ଦଫା ଦାବିରେ ସୁନ୍ଦରଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘର ସଦସ୍ୟମାନେ ଆସନ୍ତା ୨୨ରୁ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ଦାବି ନେଇ ପୂର୍ବରୁ ସଂଘ ପକ୍ଷରୁ ବାରମ୍ବାର ବିଭାଗୀୟ ଅଧିକରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ବାଧ୍ୟ ହୋଇ ସଂଘ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ସମୂହ ଛୁଟିରେ ଯିବା ନେଇ ସଂଘ ପକ୍ଷରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୨୫ରୁ ୩ ଦିନ ବ୍ୟାପି କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ମହାସଂଘର ସୁନ୍ଦରଗଡ ୟୁନିଟ୍ ସଭାପତି ବିମଳ କୁମାର ବୋଷ, ସାଧାରଣ ସମ୍ପାଦକ ଅଶୋକ କୁମାର ପସାୟତ, ଉପସଭାପତି ବିଜୟ କୁମାର ପଣ୍ଡା, ସହ ସମ୍ପାଦକ ଦେବରାଜ ବୁଡା, କୋଷାଧ୍ୟକ୍ଷ ଝରଣା ତାଜନ, କାର୍ଯ୍ୟକାରୀ ସମିତି ସଭ୍ୟ ସୁଧୀର କୁମାର ଦେବ ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି।

## ଜାତୀୟ କରାଟେରେ ସ୍କାଉଟ୍ ଗାଇଡ୍ ପାଳିଲେ ଅନ୍ତର୍ଜାତୀୟ ଶାନ୍ତି ଦିବସ




ସ୍କାଉଟ୍ ଗାଇଡ୍ ପକ୍ଷରୁ ଶୋଭାଯାତ୍ରା ବାହାରିଛି।

**ରାଉରକେଲା,୨୧।୯(ଦିନେଶ ମିଶ୍ର)**

ରାଉରକେଲା ସ୍କାଉଟ୍ ଗାଇଡ୍ ପକ୍ଷରୁ ଗୁରୁବାର ଅନ୍ତର୍ଜାତୀୟ ଶାନ୍ତି ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସେକ୍ଟର-୧ରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ୧୫୦ରୁ ଊର୍ଦ୍ଧ୍ୱ କ୍ଲବ କବ୍‌ବୁଲ୍‌ବୁଲ୍ ସ୍କାଉଟ୍ ଓ ଗାଇଡ୍ ଅଂଶଗ୍ରହଣ କରିଥିଲେ। ଆରମ୍ଭରେ ଜିଲା ସମ୍ପାଦକ ସନ୍ତୋଷ କୁମାର ନାୟକ ଓ କମିଶନର ବ୍ରଜେନ୍ଦ୍ର ଦାଶ ଏହି ଦିବସ ପାଳନର ମହତ୍ତ୍ୱ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ବିଭିନ୍ନ ସ୍କାଉଟ ଗାଇଡଙ୍କ ମଧ୍ୟରେ ବୃକ୍ଷରୋପଣ, ଶାନ୍ତି ଶପଥପାଠ, ଶୋଭାଯାତ୍ରା ସହ ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅରୁଣ କୁମାର ସ୍ୱାଇଁ, ପ୍ରଧାନଶିକ୍ଷକ ଅରୁଣ କୁମାର ସ୍ୱାଇଁ, ଶିଶିର ପାଣି, ହୃଷୀକେଶ ନାୟକ, ସାଙ୍ଗଠନିକ କମିଶନର ଅଭୟ ବିଶ୍ୱାଳ, ଟ୍ରେନିଂ କମିଶନର ସୁଶାନ୍ତ ବିଶ୍ୱାଳ, ଶ୍ରୀବତ୍ସ ସାମଲ, ବିଜୟାନନ୍ଦ ଦାଶ, ଗାଇଡ୍ କ୍ୟାପ୍‌ଟେନ ଲକ୍ଷ୍ମୀ ସାହୁ, ସୀମା ଚକ୍ରବର୍ତ୍ତୀ, ସୁଜାତା ଦାଶ, ପ୍ରୀତିରେଖା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଇଏସ୍‌ଆଇ ଗଣେଶ ପୂଜା: ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

**ବ୍ରଜରାଜନଗର, ୨୧।୯(ବିଜୟ ବରାଡ଼)**



ଗଣେଶ ପୂଜା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଇଏସ୍‌ଆଇ ଛକରେ ଚଳିତବର୍ଷର ଗଣେଶ ପୂଜା ଧୁମଧାମରେ ପାଳିତ ହୋଇଯାଇଛି। ବିଗିନାର କ୍ଲବ ଦ୍ୱାରା ପ୍ରଥମ କରି ଏହି ପୂଜାର ଆୟୋଜନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ରଜରାଜନଗରର ସପ୍ତକ ମ୍ୟୁଜିକ ସହିତ ରାଉରକେଲାର କଳାକାରମାନେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ବିଧାୟିକା ଅଲକା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କମିଟି ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ପୂଜାକୁ ଆହୁରି ଆକର୍ଷଣୀୟ କରିବାକୁ ମତ ଦେବା ସହ ସହାୟତା କରିବେ ବୋଲି ମୁଖ୍ୟ ଅତିଥି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ରାଧାକାନ୍ତ ପ୍ରଧାନ, ବରିଷ୍ଠ ବିଜେଡି ନେତା ନୃପ ତଣ୍ଡିଆ, ସମାଜସେବୀ ଶଙ୍କର ତଣ୍ଡିଆ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନ କର୍ମକର୍ତ୍ତା ଓ କଳାକାରମାନଙ୍କୁ ସମ୍ମାନିତ କରିଥିଲେ।

## ପାଣି ପାଇଁ ଡହଳବିକଳ ଗ୍ରାମବାସୀ

**ବିଶ୍ରା,୨୧।୯( ବଟକୃଷ୍ଣ ସ୍ୱାଇଁ)**



ଅଚଳ ହୋଇପଡ଼ିଥିବା ସୋଲାର।

ସୁନ୍ଦରଗଡ଼ ଜିଲା ସୀମାନ୍ତ ବିଶ୍ରା ବ୍ଲକ ଦରେଇକେଲା ପଞ୍ଚାୟତ ଯୋଡ଼ବନ୍ଧ କଚାଟୋଲି ଗ୍ରାମବାସୀ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଏକ ବର୍ଷଧରି ସୋଲାର ପ୍ୟାନେଲ ଅଚଳ ହୋଇପଡିବା ସହ ନଳକୂପ ମରାମତି ଅଭାବରୁ ସେଗୁଡିକରୁ ଅନେକ ସମୟରେ ମଇଳା ପାଣି ବାହାରୁଛି। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ପୋଖରୀ, ନଈ, ଚୁଆ, କୂଅରୁ ଦୂଷିତ ପାନୀୟ ଜଳ ପିଇବା ପାଇଁ ବାଧ୍ୟ ହେଉଛନ୍ତି। ୪ଶହ କୋଟି ଟଙ୍କା ବ୍ୟୟରେ ତେନ୍ତ୍ରେକେଲା ନଦୀରୁ ପାଣି ପାଇଁ ଘରେ ଘରେ ପାଇପ ସଂଯୋଗ ହୋଇଛି। ହେଲେ ପାଣି ଆସୁନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗ୍ରାମ୍ୟ ପାଇପ ପାଣି ଯୋଗାଣ ଯନ୍ତ୍ରୀ ରସାନନ୍ଦ ବରାଳଙ୍କୁ ପଚାରିବାରୁ, ନଳକୂପ ମରାମତି କରିବାକୁ ପ୍ରତି ପଞ୍ଚାୟତରେ ଏସିମ୍ ନିଯୁକ୍ତ ହୋଇଛନ୍ତି। ସେମାନେ ଏହାର ତଦାରଖ କରିବେ ବୋଲି ସେ କହିଥିଲେ। ସୋଲାର ପ୍ୟାନେଲ ବିଷୟରେ ଅବଗତ କରାଯିବାରୁ, ସୋଲାର ପ୍ୟାନେଲ ମରାମତି ପାଇଁ କମ୍ପାନୀମାନେ ଦାୟିତ୍ୱ ନେଉନାହାନ୍ତି। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯନ୍ତ୍ରୀ ବରାଳ ପ୍ରକାଶ କରିଥିଲେ।

## ରଶିଦେଇ ମହିଳାଙ୍କ ଆତ୍ମହତ୍ୟା

କୁଚିଣ୍ଡା,୨୧।୯(ବିରଞ୍ଚି ଦର୍ଚ୍ଚା): ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଲାଡ ଗ୍ରାମର ଯଶୋଦା ମାଝି (୫୧) ଗୁରୁବାର ବେକରେ ରଶି ଦେଇ ଆତ୍ମହତ୍ୟା କରିଛନ୍ତି। ସେ ଗ୍ରାମ ନିକଟସ୍ଥ ନଦୀ ଡଙ୍ଗାଘାଟର ଏକ ଗଛରେ କୌଣସି କାରଣରୁ ଆତ୍ମହତ୍ୟା କରିଥିଲେ। ଏ ନେଇ ପରିବାର ପକ୍ଷରୁ ଥାନାକୁ ଖବର ଦିଆଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୁଚିଣ୍ଡା ମେଡିକାଲକୁ ପଠାଇଛି। ପୋଲିସ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୨/୨୩)ରୁଜୁ କରି ଘଟଣାର ସମ୍ପର୍କରେ ତଦନ୍ତ କରୁଛି। ମହିଳା ଜଣକ ଅବିବାହିତା। ସେ ପୂର୍ବରୁ କୁଚିଣ୍ଡା ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟ କରୁଥିଲେ।

## ସଂକ୍ଷେପରେ

### ଟାଙ୍ଗିଆରେ ଆକ୍ରମଣ: ଯୁବକ ଗୁରୁତର

ରେଢ଼ାଖୋଲ, ୨୧।୯(ଅଚ୍ୟୁତାନନ୍ଦ ପୁରୋହିତ): ସମ୍ବଲପୁର ଜିଲା ରେଢାଖୋଲ ଥାନା ଲୁହାପଙ୍କ ପଞ୍ଚାୟତର ସାଧୁମୁଣ୍ଡା



ଗ୍ରାମରେ ୨ଜଣ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ଜଣକ ଟାଙ୍ଗିଆ ଚୋଟରେ ଅନ୍ୟଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ପୋଲିସ ଅଭିଯୁକ୍ତ ଯୁବକ ଚକ୍ର ମିର୍ଦ୍ଧା (୩୦)ଙ୍କୁ ଗିରଫ କରିଛି। ସୂଚନାମତେ କେନ୍ଦୁଖୁପୁଲି ଗ୍ରାମର ଲକ୍ଷ୍ମଣ ମୁଣ୍ଡା (୨୮) ତାଙ୍କ ଶ୍ୱଶୁର ଘର ସାଧୁମୁଣ୍ଡା ଗ୍ରାମକୁ ଯାଇଥିଲେ। ବୁଧବାର ରାତିରେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହେବାରୁ ଅଭିଯୁକ୍ତ ଚକ୍ର ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆରେ ଲକ୍ଷ୍ମଣଙ୍କୁ ଆକ୍ରମଣ କରିଥିଲେ। ଫଳରେ ଲକ୍ଷ୍ମଣଙ୍କ ମୁଣ୍ଡ,ହାତ ଓ ପେଟରେ ଆଘାତ ହୋଇଥିଲା। ଏ ନେଇ ଗୁରୁବାର ଲକ୍ଷ୍ମଣ ରେଢାଖୋଲ ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଚକ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ଚିପିଲିମା ପାୱାର ଚ୍ୟାନେଲରେ ବୁଡ଼ିଥିବା ଯୁବକଙ୍କ ପତ୍ତା ମିଳୁନି

ସମ୍ବଲପୁର,୨୧।୯(ଶୁଭାଶିଷ ପାଢ଼ୀ) ରବିବାର ବିଶ୍ୱକର୍ମା ପୂଜାରେ ଚିପିଲିମାରେ ହଜାର ହଜାର ଦର୍ଶକଙ୍କ ଭିଡ଼ ହୋଇଥିଲା। ଘଣ୍ଟେଶ୍ୱରୀ ନିକଟସ୍ଥ ବଗବିରା ଗ୍ରାମର ଅକ୍ଷୟ ତରିଆଙ୍କ ସାନପୁଅ ଦ୍ରୋଣ (୨୭) ଶକ୍ତିକେନ୍ଦ୍ର ପାୱାର ଚ୍ୟାନେଲ ସିମେଣ୍ଟ ହିଡରେ ଶୋଇଥିବାବେଳେ ହଠାତ ପଡିଯାଇଥିଲେ। ପାଣିର ସ୍ରୋତ ପ୍ରଖର ଥିବାରୁ ସେ ନିଖୋଜ ହୋଇଯାଇଥିଲେ। ଚିପିଲିମା ପୋଲିସ ଖବରପାଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପ୍ରାୟ ରାତି ୧୦ଟାରେ ଶକ୍ତିକେନ୍ଦ୍ର ମେଶିନ ବନ୍ଦକରି ଅଗ୍ନିଶମ କର୍ମଚାରୀ ଖୋଜାଖୋଜି କରିଥିଲେ। ଘଣ୍ଟାଏ କାଳ ଖୋଜିବା ପରେ ଫେରିଯାଇଥିଲେ । ପରଦିନ ଅର୍ଥାତ ସୋମବାର ପୂର୍ବାହ୍ନରେ ପୁଣି ମେଶିନ ବନ୍ଦ କରି ଚେଷ୍ଟା କରି ବିଫଳ ହୋଇଥିଲେ। ଏପରି ଅନେକଥର ଚେଷ୍ଟା କରାଯାଇଥିଲେ ହେଁ ଅଦ୍ୟାବଧି ଯୁବକଙ୍କ ସନ୍ଧାନ ମିଳିପାରିନାହିଁ। ପୋଲିସ ପ୍ରଶାସନ ପକ୍ଷରୁ ବୁଡାଳି ଡକାଇ ଶକ୍ତିକେନ୍ଦ୍ର ମେଶିନ ବନ୍ଦ କରି ଖୋଜାଖୋଜି କରିବାର ପ୍ରୟାସ କରିଥିଲେ ହୁଏତ ନିଖୋଜ ଯୁବକଙ୍କ ପତ୍ତା ମିଳିଯାଇଥାନ୍ତା ବୋଲି ସଚେତନ ମହଲରେ ମତ ପ୍ରକାଶ ପାଇଛି। ନିଖୋଜ ଦ୍ରୋଣ ଏମିତି ନିଖୋଜ ହୋଇ ଜୀବନ ରହିଯିବେ ବୋଲି ଚର୍ଚ୍ଚା ଜୋର ଧରିଛି।



ସମ୍ବଲପୁର ଲପଙ୍ଗାରେ କୁଲତା ସମାଜର ନୂଆଁଖାଇରେ ସମସ୍ତେ ଏକତ୍ରିତ ହୋଇଛନ୍ତି।

# ଏକାଠି ହେଲେ ୮୫ ପରିବାର

ସମ୍ବଲପୁର,୨୧।୯(ଶୁଭାଶିଷ ପାଢ଼ୀ)

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଏକତାର ବାର୍ତ୍ତା ଦେଇଆସୁଛି। ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗା ଗ୍ରାମରେ ୮୫ ପରିବାରର ୪ ଶହ ସଦସ୍ୟ ଏକାଠି ହେବା ଏହାର ଏକ ଉଦାହରଣ। ୪ଶହ ସଦସ୍ୟ ନିଆରା ଢଙ୍ଗରେ ନୂଆଁଖାଇ ପାଳନ କରିଛନ୍ତି। ସାଧାରଣରେ ଗୋଟିଏ ପରିବାର ଭାଇମାନେ ଏକାଠି ହୋଇ ନୂଆଁଖାଆନ୍ତି। ହେଲେ ଏଠାରେ କୁଲତା ସମାଜର ସମସ୍ତେ ଏକାଠି ହୋଇ ମା' ରାମଚଣ୍ଡିଙ୍କ ମନ୍ଦିର ସମ୍ମୁଖରେ ନିଆରା ଢଙ୍ଗରେ ନୂଆଁ ଖାଇଥିଲେ। ମିଳିମିଶି ଏକା ସାଙ୍ଗରେ ରୋଷେଇ ପିଠାପଣା କରିଥିଲେ। ବହୁଦିନ ପୂର୍ବରୁ ଏଥିପାଇଁ ପ୍ରସ୍ତୁତ କରିଥିଲେ। ଧନୀ ଗରିବ ସମସ୍ତେ ସମାନ ସହ ମାନମାଳିନ ମତାନ୍ତରକୁ ମଧ୍ୟ ଭୁଲିଯାଇଥିଲେ। ଏକତା ଓ ଭାଇଚାରାର ନିଦର୍ଶନ ପରସ୍ପର ଭିତରେ ସୃଷ୍ଟି ହୋଇଥିବା ଦୂରତାକୁ ଦୂର କରିବାକୁ ଏଠାକି ନୂଆଁ ଖାଇଲେ। ଏକ ନିଆରା ପରମ୍ପରା ସୃଷ୍ଟି କରିଛନ୍ତି କୁଲତା ସମାଜ। ପ୍ରଥମେ ନିଜ ଘରେ ପୂଜା କରିବା ପରେ ପୂର୍ବାହ୍ନରେ ରାମଚଣ୍ଡୀ ମନ୍ଦିରରେ ଏକତ୍ରିତ ହୋଇଥିଲେ। ସମସ୍ତେ ଏକାଠି ବସି ନବାନ୍ନ ଭକ୍ଷଣ କରି ଭୋଜିଭାତର ଆସରରେ ମସଗୁଲ ହୋଇଥିଲେ। ଶାନ୍ତି ଏକତାର ବାର୍ତ୍ତା ସୃଷ୍ଟି ପାଇଁ ସ୍ୱତନ୍ତ୍ର ଭାବେ ନୂଆଁଖାଇ ଆୟୋଜନ କରାଯିବା ସହ ଭଜନ କୀର୍ତ୍ତନ ଆୟୋଜନ କରାଯାଇଥିଲା।

# ଭାଇଚାରା ସମ୍ପର୍କ ବୃଦ୍ଧି କରେ ନୂଆଁଖାଇ

କୁଚିଣ୍ଡା,୨୧।୯(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ପଞ୍ଚାୟତର ଭାଲୁବାହାଲ ଗ୍ରାମରେ ବୁଧବାର ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଯୁବକ ସଂଘର ମୋହନ କିଷାନଙ୍କ ସଭାପତିତ୍ୱରେ ହୋଇଥିବା ଭେଟ୍‌ଘାଟରେ ସରପଞ୍ଚ ଗୋବର୍ଦ୍ଧନ ବାଘ ମୁଖ୍ୟ ଅତିଥି, ସମିତି ସଭ୍ୟ ପରେଶ ପଟେଲ ଓ ଅବସରପ୍ରାପ୍ତ ସିଆରପିଏଫ ମେଜର ଭୁବନେଶ୍ୱର କିଷାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନୂଆଁଖାଇ ସମସ୍ତଙ୍କ ମଧ୍ୟରେ ଭାଇଚାରା ସମ୍ପର୍କ ବୃଦ୍ଧି କରିଥାଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ହୋଇଥିବା ନାଚଗୀତ, ପୁଚିଖେଳ, ହାଣ୍ଡିପିଟା, ବାଡିଟଣା, ମ୍ୟୁଜିକ ଚେୟାର, ଲମ୍ବଡିଆଁ, ଉଚ୍ଚଡିଆଁ ଓ ଦୌଡ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଯୁବକ ସଂଘର ବଳଭଦ୍ର ପ୍ରଧାନ, ରଞ୍ଜନ କିଷାନ, ଧର୍ମେନ୍ଦ୍ର କିଷାନ, ଶିବଲାଲ କିଷାନ, ବିମଳେଶର କିଷାନ ଓ ଧରଣୀଧର କିଷାନଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

# ଦୁର୍ଗାପ୍ରସାଦ ନାୟକ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭା

ସମ୍ବଲପୁର,୨୧।୯(ଶୁଭାଶିଷ ପାଢୀ)

ପ୍ରଫେସର ଦୁର୍ଗା ପ୍ରସାଦ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଗୁରୁବାର ସୈରିନ୍ଦ୍ରୀ ନାୟକ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସ୍ମାରକୀ ବକ୍ତବ୍ୟ ସଭା ଆୟୋଜିତ ହୋଇଥିଲା। ଏଥିରେ ଡ. ନିରୂପମା ବଡପଣ୍ଡା ସଭାପତିତ୍ୱ କରିଥିଲେ। ସଭାରେ ସରୋଜ ମହାନ୍ତି ବକ୍ତା ରୂପେ ଯୋଗଦେଇଥିଲେ। ସେ କହିଲେ ଯେ, ଶାରୀରିକ ଶ୍ରମ ଭିତ୍ତିକ କାର୍ଯ୍ୟ ତଥା ଶ୍ରମଜୀବୀଙ୍କ ପ୍ରତି ଆମର ଦୃଷ୍ଟିକୋଣ ଶ୍ରମିକମାନଙ୍କୁ ରାଷ୍ଟ୍ର ନିର୍ମାତା ବା ସମାଜ ନିର୍ମାତା ନୁହେଁ, ଇତର ସ୍ଥାନୀୟ ମଣିଷ କରି ରଖିଛି। ଘରୋଇ କାମ କରୁଥିବା ଶ୍ରମିକମାନଙ୍କ ଠାରୁ ଆରମ୍ଭ କରି ଆମ ଆଖି ସାମ୍ନାରେ ଥିବା ସକଳ ପ୍ରକାର ଶ୍ରମିକମାନଙ୍କ ପ୍ରତି ଆମର ଆଚରଣ ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ଶ୍ରମ ଓ ଶ୍ରମିକ ପ୍ରତି ନକରାତ୍ମକ ମନୋଭାବ ଜାଗ୍ରତ ହେଉଛି। ଲୋକେ ଏହି ଅଭିଶପ୍ତ ଜୀବନରୁ ପଳାୟନ କରିବାକୁ ଚାହୁଁଛନ୍ତି। ମାତ୍ର ଦାଦନ ଶ୍ରମିକ ସମସ୍ୟା କ୍ରମେ ଜଟିଳ ହେବାରେ ଲାଗିଛି। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦ ପ୍ରଫେସର ଦୁର୍ଗା ପ୍ରସାଦ ନାୟକଙ୍କ ଆଜୀବନ ସଂଗ୍ରାମୀ ଜୀବନ, ସ୍ୱାଧୀନତା ଓ ପ୍ରଜା ଆନ୍ଦୋଳନରେ ତାଙ୍କର ଭୂମିକା, ସ୍ୱାଧୀନତା ସଂଗ୍ରାମୀମାନଙ୍କ ବିବରଣୀ ସଂଗ୍ରହ, ହୀରାକୁଦ ବନ୍ଧ ଉଦବାସ୍ତୁ ତଥା ଶ୍ରମିକ ସମସ୍ୟା ନିରାକରଣରେ ତାଙ୍କର ଯୋଗଦାନ ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଦୀପକ କୁମାର ପଣ୍ଡା ସ୍ୱାଗତ ଭାଷଣ ତଥା ରବୀନ୍ଦ୍ର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଦୁର୍ଗା ପ୍ରସାଦ ନାୟକଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଉପସ୍ଥିତ ଅତିଥି

# ଫୁଟବଲ ଟୁର୍ନାମେଣ୍ଟ: ଲଇଡ଼ାଗୁଣା ଚାମ୍ପିୟନ



ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

କୁଚିଣ୍ଡା,୨୧।୯(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତର ସାହାଜବାହାଲ ଆଦିବାସୀ ଯୁବ ସଂଘ ପକ୍ଷରୁ ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲଇଡ଼ାଗୁଣା ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟରେ ମୋଟ ଆଠଟି ଫୁଟବଲ ଟିମ୍ ଅଂଶଗ୍ରହଣ କରିଥିଲେ। ଲଇଡ଼ାଗୁଣା ଓ ପୁରୁଣାପାଣି ଟିମ୍ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କେହି କାହାରିକୁ ଗୋଲ ସ୍କୋର କରି ନ ପାରିବାରୁ ପେନାଲ୍ଟି ସୁଟଆଉଟରେ ଲଇଡ଼ାଗୁଣା ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟରେ ପିଇଟି ଆକାଶ ବେହେରା ଖେଳ ପରିଚାଳନା କରିଥିବାବେଳେ ଭବାନୀକାନ୍ତ ମାଝି ଓ ସୁଶାନ୍ତ ମାଝି ତାଙ୍କୁ ସହାୟତା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ବାଉରୀଗୋଡା ସରପଞ୍ଚ ଗୋବର୍ଦ୍ଧନ ବାଘ, କୃତାର୍ଥ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଲଇଗୁରାକୁ ସିଲଡ୍ ଓ ରନର୍ସଅପ୍ ପୁରୁଣାପାଣିକୁ କପ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ଯୁବକ ସଂଘର ପ୍ରଦୀପ ବାଘ, ଲେଲିନ କୁମାଟି, ସୁବ୍ରତ ବାଘ, ପ୍ରେମାନନ୍ଦ ବାଘ, ବିକାଶ କିଷାନ, ସୁମିତ ଧୂରୁଆ ପ୍ରମୁଖ ଆୟୋଜନ କରିଥିଲେ।

# ଗୁଲାମାଲ ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ୍

ରେଙ୍ଗାଲି,୨୧।୯(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଗୁଲାମାଲ ଗ୍ରାମରେ ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଏହି ଭେଟଘାଟରେ ମୁଖ୍ୟ ଅତିଥି ଭାବରେ ରମେଶ ଚନ୍ଦ୍ର ବାରିକ, ମୁଖ୍ୟବକ୍ତା ଡ.ଗୌରୀଦାସ ପଧାନ, ସମ୍ମାନିତ ଅତିଥି ଗୌତମ ରଣା ଯୋଗ ଦେଇଥିଲେ। ଏହି ଅବସରରେ ସନ୍ତୋଷ ବିଶ୍ୱାଳ, ଗୋକୁଳାନନ୍ଦ ବିଶ୍ୱାଳ, ଇନ୍ଦ୍ରବିଳାସ ପଧାନ, ବେଦମତି ଖମାରୀ, ଶୁଶିଳା ପଧାନ, ଜନନୀ ନାଏକ ପ୍ରମୁଖ ବରିଷ୍ଠ ନାଗରିକଙ୍କୁ ଫୁଲଚନ୍ଦନ, ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ଓଏଏସ ପାଇଥିବା ସରିତା ଓରାମ ଓ ଏନଇଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପାଠ ପଢୁଥିବା ଟ୍ୱିଙ୍କଲ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନରେ ଗୁଲାମାଲ ଗ୍ରାମବାସୀ ସହଯୋଗ କରିଥିଲେ।

# ନୂତନ ଖେଳପଡ଼ିଆ ଉଦ୍‌ଘାଟିତ

କୁଚିଣ୍ଡା,୨୧।୯(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଗୋଛରା ଗ୍ରାମରେ ବୁଧବାର ନୂଆଁଖାଇ ଉପଲକ୍ଷେ ନୂତନ ଖେଳପଡିଆ ଉଦ୍‌ଘାଟିତ ହୋଇଛି। ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ ମୁଖ୍ୟ ଅତିଥି, ଗୋଛରା ସରପଞ୍ଚ ଥନେଶ୍ୱର ନାଏକ, ଗ୍ରାମ୍ୟ ମଙ୍ଗଳ କମିଟି ସଭାପତି ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଉଦିତ ପ୍ରତାପ ଦେଓ ସମ୍ମାନିତ ଅତିଥିଭାବେ ଯୋଗଦେଇ ନବନିର୍ମିତ ଖେଳପଡିଆକୁ ଫିତାକାଟି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗୋଛରା ଗ୍ରାମର ବରିଷ୍ଠ ନାଗରିକମାନେ ଅତିଥିମାନଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ଖେଳପଡିଆକୁ ପାଛୋଟି ନେଇଥିଲେ। ଜଗନ୍ନାଥ ଯୁବ କ୍ଲବ ଓ ଗ୍ରାମ୍ୟ ମଙ୍ଗଳ କମିଟିର ମିଳିତ ଆନୁକୂଲ୍ୟରେ ହୋଇଥିବା କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଶାନ୍ତ କୁମାର ଦାସ ପରିଚାଳନା କରିଥିଲେ। ଗ୍ରାମର ୨୫ଜଣ ଯୁବକ ଶ୍ରମଦାନ କରି ଖେଳପଡିଆ ନିର୍ମାଣ କରିଥିବାରୁ ସେମାନଙ୍କୁ ଅତିଥିଗଣ ସମ୍ବର୍ଦ୍ଧିତ କରିଥିଲେ। ତରଣୀସେନ ବଢେଇ, ଉଜ୍ଜ୍ୱଳ ସିଂ, ଡୋଳାମଣି ପ୍ରଧାନ, ବିପ୍ରମଣି ଭଇଁଷା, ମନୋଜ ସିଂ, ନିରୋଜ ତ୍ରିପାଠୀ, ଯୁଗଳ କିଶୋର ଦେଓ, ଫିରୋଜ ତ୍ରିପାଠୀ, ବିପିନ ବିହାରୀ କାଲୋ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଖେଳପଡିଆକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



ବୁଦୁଲାପାଲି ଗ୍ରାମବାସୀ ଏକାଠି ନୂଆ ଖାଉଛନ୍ତି।

# ବୁଦୁଲାପାଲି ଗ୍ରାମବାସୀ ଏକାଠି ନୂଆଁ ଖାଇଲେ

କୁଚିଣ୍ଡା,୨୧।୯(ବିରଞ୍ଚି ଦର୍ଚ୍ଚା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଲେଇଗଡ଼ ପଞ୍ଚାୟତର ବୁଦୁଲାପାଲି ଗାଁରେ ବୁଧବାର ସମସ୍ତ ଗ୍ରାମବାସୀ ଗୋଟିଏ ସ୍ଥାନରେ ବସି ନୂଆଁ ଖାଇଲେ। ବୁଦୁଲାପାଲି ଗାଁ ଜଗନ୍ନାଥ ମନ୍ଦିର ପରିସରରେ ପ୍ରଦୀପ ପାଣିଗ୍ରାହୀଙ୍କ ନେତୃତ୍ୱରେ ଗ୍ରାମର ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା କରି ନବାନ୍ନ ଅର୍ପଣ ପରେ ଭେଦଭାବ ଭୁଲି ସମସ୍ତେ ଏକାଠି ବସି ନୂଆଁ ଖାଇଥିଲେ। ଗ୍ରାମରେ ପ୍ରଥମ ଥର ପାଇଁ ଏଭଳି ନିଆରା ପରମ୍ପରା ସୃଷ୍ଟି କରି ବୁଦୁଲାପାଲି ଗ୍ରାମବାସୀ ଉଦାହରଣ ସୃଷ୍ଟି କରିଛନ୍ତି। ଏଥିରେ ଗ୍ରାମର ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସମିତିସଭ୍ୟା କୁନିକିଷାନ,ଅରୁଣ କୁମାର ପାଣିଗ୍ରାହୀ, ସୀତାରାମ କାଲୋ, ଅଦିତ ପାଣିଗ୍ରାହୀ, ଅପିନ ଭୋଇ, ହୃଷିକେଶ ପାଣିଗ୍ରାହୀ, ପରେଶ ପାଣିଗ୍ରାହୀ ନୀଳମଣି କିଷାନ, ଅଙ୍କରାମ କାଲୋ, ଦେବାର୍ଚ୍ଚନ କିଷାନ, ରାଜୁ ଖର୍ସେଲ, ୱାର୍ଡସଭ୍ୟ ସନ୍ତୋଷ କିଷାନ, ଶାନ୍ତିପନି ପାଣିଗ୍ରାହୀଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରି ଉପସ୍ଥିତ ରହିଥିଲେ।

# ଭାରିଯାନ ଚଳାଚଳ, ଶୋଚନୀୟ ରାସ୍ତା

ସମ୍ବଲପୁର,୨୧।୯( ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ରେଙ୍ଗାଲି ଜୋନ-୨ରେ ପୂର୍ତ୍ତ ବିଭାଗ ରାସ୍ତାଗୁଡିକ ଭାରିଯାନ ଚଳାଚଳ ଯୋଗୁ ଶୋଚନୀୟ ହୋଇପଡିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଜିଲା ପ୍ରଶାସନ, ପୂର୍ତ୍ତ ବିଭାଗ ପାଖରେ ଅଭିଯୋଗ କରିବା ପରେ ମଧ୍ୟ ମରାମତି ହୋଇପାରୁ ନାହିଁ। ଯଦି କେଉଁଠି ମରାମତି କରାଯାଉଛି ତାହା ହେଲେ ଭାରିଯାନ ଚଳାଚଳ କରିବା ଯୋଗୁ ରାସ୍ତାରେ ବଡ ଗର୍ତ୍ତ ହୋଇଯାଉଛି। ଏହାକୁ ନେଇ ଜିଲାପରିଷଦ ସଭ୍ୟ ଦେନାରାୟଣ ତିୱାରୀ ଅଭିଯୋଗ କରିଛନ୍ତି। ଶୀଘ୍ର ଏହାର ସମାଧାନ କରାଯାଉ ନ ହେଲେ ଲୋକଙ୍କ ଅସନ୍ତୋଷ ଆନ୍ଦୋଳନରେ ପରିଣତ ହେବ ବୋଲି କହିଛନ୍ତି। ଅଭିଯୋଗ କ୍ରମେ ସିନ୍ଧୁରପଙ୍କ ଛକରୁ ଲଇଡା ପୁରୁଣା ରାଞ୍ଚି ରାସ୍ତା, ଯୁନାଡିହି ଛକ୍ ଦେଇ ସମାସିଂହା ରାସ୍ତା, ଯୁନାଡିହିରୁ ଲଇଡା, ଲଇଡାରୁ ମହଦା ଦେଇ ଜମନକିରା ରାସ୍ତା ଏବଂ ଗୁମଲୋଇ, ଝରନପାଲି, କଦେଲପିଠା ଗ୍ରାମ ଦେଇ ରେଙ୍ଗାଲି ରାସ୍ତାଗୁଡିକ ଅବସ୍ଥା ଅତି ଶୋଚନୀୟ। ଖାଲଖମାରେ ପରିପୂର୍ଣ୍ଣ ହୋଇଛି। ରାସ୍ତାର କ୍ଷମତାରୁ ଅତ୍ୟଧିକ ବୋଝ ନେଉଯାଉଥିବା ଗାଡି ଯୋଗୁ ଏଭଳି ହେଉଛି। ଲୋକଙ୍କ ଗମନାଗମନ ସୁବିଧା ପାଇଁ ସରକାର କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। ହେଲେ କମ୍ପାନୀରେ କାମ କରୁଥିବା ଟ୍ରାନ୍ସପୋର୍ଟରମାନଙ୍କ ଯୋଗୁ ରାସ୍ତା ନଷ୍ଟ ହୋଇଯାଉଛି। କମ୍ପାନୀରେ ଚାଲୁଥିବା ଭାରିଯାନ ପାଇଁ ଅନ୍ୟ ରାସ୍ତା ତିଆରି କରାଯାଉ ବୋଲି ଦାବି ହେଉଛି। ଯଦି ବେଆଇନ୍ ଭାରିଯାନ ଦ୍ୱାରା ଫାଏଆସ ଚାଲାଣକୁ ପ୍ରଶ୍ରୟ ଦିଆଯିବ ତାହେଲେ ଖରାପ ରାସ୍ତାର ମରାମତି କେବେ, କିଏ ଏବଂ କେଉଁ ସଂସ୍ଥା କରିବ ବୋଲି ପ୍ରଶ୍ନ ଉଠୁଛି।



# ପୁଣି ଜିଲା ବିଜେଡି ମଙ୍ଗ ସମ୍ଭାଳି ପାରନ୍ତି ରୋହିତ

ସମ୍ବଲପୁର,୨୧।୯ (ଶୁଭାଶିଷ ପାଢୀ)

ସମ୍ବଲପୁର ଜିଲା ବିଜେଡି ସଙ୍ଗଠନରେ ପରିବର୍ତ୍ତନ ହେବା ନେଇ ପ୍ରାୟ ୫ ମାସ ହେବ ଆଲୋଚନା ହେଉଛି। ଏପରିକି ଜିଲା ଓ ରାଜ୍ୟସ୍ତରର ନେତାଙ୍କ ମଧ୍ୟରେ ବାରମ୍ବାର ବୈଠକ ହେଉଛି। ହେଲେ ନିଷ୍କର୍ଷ ବାହାରି ପାରୁ ନ ଥିଲା। ବାରମ୍ବାର ବୈଠକ, ସବୁ ବିଧାନସଭା କ୍ଷେତ୍ରର ମତାମତ ନେଇ ଶେଷରେ ଦଳ ଶୀଘ୍ର ଜିଲା ସଭାପତି ସହିତ ଜିଲା ସଙ୍ଗଠନରେ ପରିବର୍ତ୍ତନ ତାଲିକା ପ୍ରକାଶ କରିବ ବୋଲି ଶୁଣିବାକୁ ମିଳିଛି। ଏହାକୁ ନେଇ ଦଳୀୟ କର୍ମୀଙ୍କ ମଧ୍ୟରେ ଆଲୋଚନା ହେଉଛି। ହେଲେ ପୁଣି ସଭାପତି ପଦ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରୋହିତ ପୂଜାରୀଙ୍କୁ ମିଳିପାରେ ବୋଲି ଚର୍ଚ୍ଚା ଜୋର ଧରିଛି। ବିଧାୟକ ପୂଜାରୀ ପୂର୍ବରୁ ଜିଲା ସଭାପତି ଭାବେ ଦୁଇଟି ପର୍ଯ୍ୟାୟରେ ୫ ବର୍ଷରୁ ଅଧିକ ଦାୟିତ୍ୱ ତୁଲାଇ ଆସିଥିଲେ। ସମ୍ବଲପୁର ସହରରେ ତାଙ୍କର ସଙ୍ଗଠନ ଆରମ୍ଭ କରିଥିଲେ। ଏପରିକି ସମ୍ବଲପୁର ମ୍ୟୁନିସିପାଲଟିରେ ପ୍ରଥମ ୱାଡ ୮ରେ ବିଜେଡି ପ୍ରାର୍ଥି କାଉନସିଲର ବିଜୟୀ ହୋଇ ଦଳ ଖାତା ଖୋଲିଥିଲା। ଏହା ପରେ ବିଜୟର ଯାତ୍ରା ଆରମ୍ଭ ହୋଇଥିଲା। କୁଚିଣ୍ଡା ଏନ୍‌ଏସି, ହୀରାକୁଦ ଏନ୍‌ଏସି ସହିତ ୪ ବ୍ଲକରେ ବ୍ଲକ ଅଧ୍ୟକ୍ଷ ପଦ ହାତେଇ ଥିଲେ। ତାଙ୍କ ଜିଲା ସଭାପତି ଥିବା ସମୟରେ ୪ ବିଧାନ ସଭା କ୍ଷେତ୍ରରୁ ୩ଟିରେ ବିଜେଡି ବିଜୟୀ ହୋଇଥିଲା। ୨୦୧୪ ମସିହାରେ ରେଢାଖୋଲ ବିଧାନସଭାରେ ଦଳ ପ୍ରାର୍ଥି କରିଥିଲା। ପ୍ରାୟ ୫ ହଜାର ଭୋଟରେ ବିଜୟୀ ହୋଇଥିଲେ। ୨୦୧୫ ପରେ ଜିଲା ସଭାପତି ପଦ ଦଳ ଅନ୍ୟଙ୍କୁ କରିଥିଲା। ୨୦୧୯ ମସିହା ବିଧାନ ସଭାରେ ଦ୍ୱିତୀୟ ଥର ବିଜୟୀ ହୋଇଛନ୍ତି। ହେଲେ ଭୋଟ ବ୍ୟବଧାନ ବୃଦ୍ଧି ପାଇ ୧୩ ହଜାର ୪ ଶହ ହୋଇଥିଲା। ତେଣୁ ସମ୍ବଲପୁର ବିଜେଡିର ସଙ୍ଗଠନରେ ତାଙ୍କର ଭୂମିକା ରହିଥିଲା ବୋଲି ବରିଷ୍ଠ ନେତାମାନେ କହନ୍ତି। ତେଣୁ ସମ୍ବଲପୁର ସମେତ ରେଢାଖୋଲ ନିର୍ବାଚନରେ ମଧ୍ୟ ସଙ୍ଗଠନ ବୃଦ୍ଧି କରିଛନ୍ତି। ସେହିପରି ସମ୍ବଲପୁର ସହରରେ ପୁରୁଣା ସଙ୍ଗଠନ, ଯୁବ ସଙ୍ଗଠନ ତାଙ୍କର ସମର୍ଥକ ଅଛନ୍ତି। ଶିଳ୍ପ ନଗରୀ ରେଙ୍ଗାଲି ବିଧାନ ସଭାରେ ମଧ୍ୟ ସଙ୍ଗଠନ କରିଛନ୍ତି । କୁଚିଣ୍ଡା ନିର୍ବାଚନ ମଣ୍ଡଳରେ ମଧ୍ୟ ତାଙ୍କର ସମର୍ଥକ ରହିଛନ୍ତି। କିଛି ଦିନ ପୂର୍ବରୁ ମୃତ୍ୟବରଣ କରିଥିବା ବରିଷ୍ଠ ତଥା ସଙ୍ଗଠକ ଦିନୁ ଅଗ୍ରୱାଲ ସହିତ ଘନିଷ୍ଠତା ରହିଥିଲା। ଅନେକ ଯୁବ ସମର୍ଥକ ରହିଛନ୍ତି। ଦେଖିବାକୁ ଗଲେ ୪ ବିଧାନ ସଭା ମଣ୍ଡଳରେ ରୋହିତଙ୍କ ସଙ୍ଗଠନ ରହିଛି। ଜଣେ ଭଲ ସଙ୍ଗଠକ, ଆର୍ଥିକ ସ୍ୱଚ୍ଛଳ ଥିବା ଜଣେ ଯୁବନେତା ଭାବେ ପରିଚିତ ରୋହିତ ଜିଲା ସଭାପତି ହେଲେ ଦଳ ପାଇଁ ଲାଭଦାୟକ ହେବ ବୋଲି ଆଲୋଚନା ହେଉଛି। ଅନ୍ୟପଟେ ମନ୍ତ୍ରୀମଣ୍ଡଳରେ ଥିବା ସମୟରେ ତାଙ୍କୁ ବିଦାୟ କରାଯାଇଥିଲା। ଯାହାକି ରୋହିତଙ୍କୁ ନେଇ ତାଙ୍କ ବିରୋଧିମାନେ କଡ଼ା ସମାଲୋଚନା କରିଥିଲେ। ହେଲେ ଏବେ ରୋହିତଙ୍କୁ ଦଳ ପୁଣି ଭରଷା କରିଛି। ଅନ୍ୟ ପଟେ ଜିଲାରେ ଦଳରେ ଖାଲି ପଡିଥିବା ଦଳୀୟ ପଦଗୁଡିକ ପୂରଣ ହେବ। କେତେକ ବ୍ଲକସ୍ତରରେ ଓ ଜିଲାସ୍ତରରେ ନୂତନ ଚେହେରାଙ୍କୁ ଦାୟିତ୍ୱ ମିଳିପାରେ। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଜିଲା ପର୍ଯ୍ୟବେକ୍ଷକ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି), ଭଟଲି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂ ଉପସ୍ଥିତ ରହି ବାରମ୍ବାର ବୈଠକ ହୋଇଥିଲା। ଜିଲାରେ ସଙ୍ଗଠନକୁ ଆହୁରୀ ମଜବୁତ କରାଯିବ। ପୁରୁଣା କର୍ମୀଙ୍କୁ ଅଗ୍ରାଧିକାର ମଧ୍ୟ ଦିଆଯିବ। ଯୁବ, ମହିଳା ସଙ୍ଗଠନ ମଧ୍ୟ ପରିବର୍ତ୍ତନ ହୋଇପାରେ। ସମ୍ବଲପୁର ଜିଲା ପର୍ଯ୍ୟବେକ୍ଷକ ଭାବେ ପ୍ରଣବ ପ୍ରକାଶ ଦାସ ଦାୟିତ୍ୱ ପାଇବା ପରେ ଦଳୀୟ ସଙ୍ଗଠନ ସଜାଡିବାକୁ ସାଙ୍ଗଠନିକ ସମ୍ପାଦକ ପୁରା ଦମରେ ଲାଗି ପଡିଛନ୍ତି। ଜିଲା ସଭାପତି ଦୌଡରେ ଜିଲା ସଭାପତି ସିଦ୍ଧାର୍ଥ ଦାସ, ଦେବେନ ପତି, ସଞ୍ଜିତ ମହାନ୍ତି, ଡ. ପ୍ରମୋଦ କୁମାର ରଥ ନାମ ଚର୍ଚ୍ଚାରେ ରହିଛି। ଏ ସମ୍ପର୍କରେ ବିଧାୟକ ପୂଜାରୀ କହିଛନ୍ତିଯେ, ମୋ ପାଖରେ କିଛି ଖବର ନାହିଁ । ଦଳ ସଙ୍ଗଠନ ପାଇଁ କାମ କରୁଛି। ଆଗକୁ ମଧ୍ୟ ଜାରି ରହିବ । କୌଣସି ପଦ ନିଯୁକ୍ତି କରିବା ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇଚ୍ଛାଧିନ ଓ ହାତରେ ରହିଥାଏ। ଏଭଳି ଅନେକ ଚର୍ଚ୍ଚା ହୋଇଥାଏ ବୋଲି କହିଥିଲେ ।



ବିଧାୟକ ରୋହିତ ପୂଜାରୀ ।

